ଧରିତ୍ରୀ
DHARITRI
November 10-16, 2019 ₹ 2/-

# ଛୁଟି ଦିନ

# କୁନି ତାରକା



୩
ପ୍ରଚ୍ଛଦ ପ୍ରସଙ୍ଗ

ପିଲା ହେଉଛନ୍ତି ପ୍ରଜାପତି ପରି। ମନ ସେମାନଙ୍କର ଚାହେଁ ଉଡ଼ି ବୁଲିବାକୁ, ଆଉ ଛୁଇଁବାକୁ ଦୂର ଦିଗ୍‌ବଳୟ। ବେଳେବେଳେ ସେଇ ଝୁଙ୍କ୍‌ରେ ସେମାନେ ନିଜର ସମସ୍ତ ଶକ୍ତି ଓ ବୁଦ୍ଧି ଲଗାଇଦିଅନ୍ତି । ଆଉ ପହଞ୍ଚିଯାଆନ୍ତି ଶୀର୍ଷରେ। ପାଲଟିଯାଆନ୍ତି ଅନ୍ୟମାନଙ୍କ ପାଇଁ ଆଦର୍ଶ। ଓଡ଼ିଶାର ସେମିତି କେତେଜଣ କୁନି ତାରକାଙ୍କ ସଫଳତାର କାହାଣୀ ଏଥରର ପ୍ରଚ୍ଛଦରେ...

ସହରଠୁ ଦୂର
୧୩

୮/୯
ସିନେମା



# ଫ୍ୟାନ ମ୍ୟୁଜିୟମ୍



ଖରାଦିନେ କରେଣ୍ଟ ଚାଲିଗଲେ ଆଜି ବି ଖୋଜାପଡେ ବିଞ୍ଚଣା । ତାଳପତ୍ର ହେଉ ବା ପ୍ଲାଷ୍ଟିକ ବିଞ୍ଚଣା, ଖରାଦିନେ ଏହାର ଚାହିଦା କାହିଁରେ କେତେ। ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ଏହି ବିଞ୍ଚଣାର ଏକ ମ୍ୟୁଜିୟମ ମଧ୍ୟ ରହିଛି । ଭଳିକି ଭଳି ବିଭିନ୍ନ ଡିଜାଇନ୍‌ର ବିଞ୍ଚଣା ଏଠାରେ ସାଇତା ହୋଇ ରହିଛି । ଲଣ୍ଡନର ଗ୍ରିନ୍‌ୱିଚ୍‌ଠାରେ ଥିବା ଏହି ନିଆରା ମ୍ୟୁଜିୟମ୍ ସମ୍ପୂର୍ଣ୍ଣ ଭାବେ ଉତ୍ସର୍ଗୀକୃତ ହ୍ୟାଣ୍ଡ ଫ୍ୟାନ ଏବଂ ଏହାର ନିର୍ମାଣକୁ ନେଇ । ବିଞ୍ଚଣାକୁ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଅଭିପ୍ରାୟ ନେଇ ବ୍ୟବହାର କରାଯାଇଥାଏ । କେଉଁଠି ଏହାକୁ ବିଞ୍ଚିବା ପାଇଁ ବ୍ୟବହାର କରାଯାଉଥିବା ବେଳେ କେଉଁଠି ଘର ସଜେଇବା ପାଇଁ ବ୍ୟବହାର କରାଯାଇଥାଏ । କିଏ ଏହାକୁ ପୋଷାକ ସାଙ୍ଗେ ଫ୍ୟାଶନ ଆସେସରି ଭାବେ ବ୍ୟବହାର କରିଥାନ୍ତି ତ କେହି କେହି ଏହାକୁ ଘର ସଜ୍ଜା ସାମଗ୍ରୀ ଭାବେ । ତେବେ ଏହି ମ୍ୟୁଜିୟମ୍‌ରେ ପୃଥିବୀର ବିଭିନ୍ନ ସ୍ଥାନର ପ୍ରାୟ ୩୫୦୦ ପ୍ରକାରର ଆଞ୍ଚିକ ଡିଜାଇନ୍‌ର ବିଞ୍ଚଣା ସାଇତା ହୋଇ ରହିଛି । ୧୯୯୧ ମସିହାରେ ପ୍ରତିଷ୍ଠା ହୋଇଥିବା ଏହି ମ୍ୟୁଜିୟମରେ ବିଞ୍ଚଣାର ଇତିହାସଠାରୁ ଆରମ୍ଭ କରି ଏହାର ପ୍ରସ୍ତୁତି ପ୍ରଣାଳୀ ତଥା ବିଭିନ୍ନ ସଂସ୍କୃତିର ବିଞ୍ଚଣାର ଝଲକ ଦେଖିବାକୁ ମିଳେ।



# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ନଭେମ୍ବର ୧୦-୧୬

**ମେଷ**: ସ୍ୱଜନ ଶତ୍ରୁତା, ବନ୍ଧୁ ମିଳନ, ଉପରିସ୍ଥଙ୍କ ଅନୁରକ୍ତି, ଆଶାନୁରୂପ ଫଳ, ଯାନ୍ତ୍ରିକ ତ୍ରୁଟି, ଧର୍ମକାର୍ଯ୍ୟ, କରଜଦାତାଙ୍କ ଚାପ, ପଡ଼ୋଶୀଙ୍କ ଅପପ୍ରଚାର, ମତପାର୍ଥକ୍ୟରୁ ଅଶାନ୍ତି, ରୋଗପୀଡ଼ାରୁ ମନସ୍ତାପ, ମାମଲା ଫଇସଲା ହେବ ।।

**ବୃଷ**: ନୂତନ କର୍ମାରମ୍ଭ, ବନ୍ଧୁଙ୍କ ସହଯୋଗ, ସମସ୍ୟା ସମାଧାନ ହୋଇଯିବ । ସ୍ଥଗିତ କାମରୁ କୈଫିୟତ୍, ଖୁସି ଖବର ପାଇବେ, ପୁରାଣ ପଠନରେ ଶ୍ରଦ୍ଧା, ସହମତିରୁ କାର୍ଯ୍ୟସିଦ୍ଧି, ପରୀକ୍ଷାରେ ସଫଳତା, ଫଳପ୍ରଦ ଯାତ୍ରା ।

**ମିଥୁନ**: ଶୁଭଖବର ପ୍ରାପ୍ତି, ବ୍ୟୟବହୁଳ ଯାତ୍ରା, ମାନସିକ ଅସ୍ଥିରତା, ପଡ଼ୋଶୀଙ୍କ କ୍ରୋଧ, ବନ୍ଧୁଙ୍କ ବିଶ୍ୱାସଘାତକତା, ପରିବହନରେ ଉନ୍ନତି, ଆନୁଷ୍ଠାନିକ କାର୍ଯ୍ୟରୁ ପ୍ରଶଂସା, ମାଙ୍ଗଳିକ କାର୍ଯ୍ୟ ।

**କର୍କଟ**: ଆଶା ପୂରଣ ହେବ, ବନ୍ଧୁଙ୍କ ବଦାନ୍ୟତା, ମିତ୍ରତା ଯୋଡ଼ିବେ, ପାରିବାରିକ ତାଗିଦା, ବିବାଦୀୟ ହୋଇପାରନ୍ତି, ଠକାମିରେ ପଡ଼ିବେ, ପରୋପକାରରୁ ପ୍ରଶଂସା, ସ୍ୱାସ୍ଥ୍ୟଗତ ଦୁର୍ବଳତା, ଅର୍ଥ ସାହାଯ୍ୟପ୍ରାପ୍ତି, ଦୂରଯାତ୍ରାର ମସୁଧା, ନୂତନ ଯୋଜନା ।

**ସିଂହ**: ବିଭିନ୍ନ ସୂତ୍ରରୁ ରୋଜଗାର, ଭୁଲ୍ ଖବରରୁ ବ୍ୟସ୍ତତା, ଭ୍ରମଣ ହେତୁକ କ୍ଳାନ୍ତି,ଖର୍ଚ୍ଚଭାର ବୃଦ୍ଧି, କର୍ମକ୍ଷେତ୍ରରୁ ସମ୍ମାନ, ରାଜନୈତିକ ପୃଷ୍ଠପୋଷକତା, ସମ୍ପର୍କରେ ଫାଟ, ଆମଦାନୀ କାରବାରରୁ ଲାଭ ।।

**କନ୍ୟା**: ସରକାରୀ ସ୍ତରରୁ ଲାଭ, ଧନହାନିରୁ ଅନୁତାପ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ, ସମ୍ପର୍କ ଯୋଡ଼ିବେ, ଉପରିସ୍ଥଙ୍କ ଚାପ, ବ୍ୟବସାୟିକ ଉନ୍ନତି, ବିଦେଶଯାତ୍ରାର ସୁଯୋଗ, ତୀର୍ଥାଟନ କରିବେ ।।

**ତୁଳା**: ଆରୋଗ୍ୟ ଲାଭ, ଆର୍ଥିକ ଉନ୍ନତି, ବିବାଦର ସମାଧାନ, ସଭାସମିତିରେ ସଫଳତା, ବନ୍ଧୁଙ୍କ ପରାମର୍ଶ ପାଇବେ, କର୍ମକ୍ଷେତ୍ରରେ ଉଚ୍ଚସମ୍ମାନ, ଶତ୍ରୁତାର ଅବସାନ ଘଟିବ, ଦୂରଯାତ୍ରା କରିପାରନ୍ତି, ଋଣ ପରିଶୋଧ, କଚେରି ମାମଲାରେ ବିଜୟ, ଯାତ୍ରା ସ୍ଥଗିତ ରହିବ ।

**ବିଛା**: ନୂତନ ସମ୍ପର୍କ ସୃଷ୍ଟି, ସ୍ୱାସ୍ଥ୍ୟହାନି, ବନ୍ଧୁ ବିରୋଧ, ପାରିବାରିକ ସଦ୍‌ଭାବ, ନୂତନ ଗୃହଲାଭ, ପରୀକ୍ଷାରେ ସଫଳତା, ଭୁଲ କାମ କରିପାରନ୍ତି, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ସାମାଜିକ ସମ୍ମାନ ଲାଭ, ସମସ୍ୟାର ସମାଧାନ ।

**ଧନୁ**: ଭୁଲ୍ ବୁଝାମଣାରୁ କଳହ, ସନ୍ତାନଙ୍କ ଗୌରବ, ସ୍ୱାସ୍ଥ୍ୟ ସଚେତନତା, ସରକାରୀ ସ୍ତରରୁ ଲାଭ, ସତ୍‌ସଙ୍ଗର ସୁଯୋଗ, ଆନୁଷ୍ଠାନିକରେ ନିଷ୍ପତ୍ତି ନେବେ, ସଂକଟ ଦୂରେଇଯିବ, ବନ୍ଧୁ ପ୍ରସ୍ତାବ ଆସିବ, ଉନ୍ନୟନକାମରେ ବାଧା, ଯାତ୍ରାରେ ଲକ୍ଷ୍ୟ ପୂରଣ ।

**ମକର**: ମନ ଭାରାକ୍ରାନ୍ତ ରହିବ, ବନ୍ଧୁଟି ସ୍ୱାର୍ଥବାଦୀ ହେବ, ଉଚ୍ଚବର୍ଗଙ୍କ ସମାଲୋଚନା, ରଚନାତ୍ମକ କାମରୁ ପ୍ରଶଂସା, ଧର୍ମଚର୍ଚ୍ଚା କରିବେ, ଆର୍ଥିକ ସ୍ୱଚ୍ଛଳତା, ପ୍ରିୟ ବନ୍ଧୁଙ୍କ ସାନ୍ନିଧ ଲାଭ, ଇଚ୍ଛା ବିରୋଧରେ କାମ , ବିଚାର ବିପକ୍ଷରେ ଯିବ ।

**କୁମ୍ଭ**: ସହକର୍ମୀ ସହ ତିକ୍ତତା, ଖବର ପାଇବେ, ସଂକୁଚିତ ବ୍ୟବସାୟ, ସାହାଯ୍ୟର ପ୍ରତିଶ୍ରୁତି, ପ୍ରତିଯୋଗିତାରେ ସଫଳତା, କଳହରୁ ସମ୍ପର୍କହାନି, ଭ୍ରମଣ ହେତୁକ ଅବସାଦ, ପରୋକ୍ଷ ଶତ୍ରୁତା, ପାରିବାରିକ ଅଶାନ୍ତି, ରୋଗପୀଡ଼ାରେ ଆକ୍ରାନ୍ତ, ଅର୍ଥସଂକଟ ।।

**ମୀନ**: ବନ୍ଧୁ ଭୁଲ୍ ବୁଝିବେ, କାମ ପୂର୍ଣ୍ଣାଙ୍ଗ ହେବ, ବ୍ୟୟ ବୃଦ୍ଧି ଘଟିପାରେ, ଆଶାବାଦୀ ହୋଇପାରନ୍ତି, ନୂତନ କର୍ମାରମ୍ଭ, ସମସ୍ୟାବହୁଳ ଘଟଣା, ବୟସ୍କଙ୍କ ସହ ଉଚ୍ଚବାଚ, ବ୍ୟବସାୟରେ କ୍ଷତି, ସଙ୍ଗୀତ, ସାମ୍ବାଦିକତାରୁ ପ୍ରଶଂସା, ସମସ୍ୟା ସମାଧାନ ।

# ଚାଲିରୁ ଜାଣନ୍ତୁ ବ୍ୟକ୍ତିତ୍ୱ

**ମନୁଷ୍ୟର ଚାଲିଚଳଣ ଏବଂ ଭାବଭଙ୍ଗୀରୁ ବ୍ୟକ୍ତିତ୍ୱ ସମ୍ପର୍କରେ ଅନେକ କଥା ଜାଣିହୁଏ। ତେବେ ଆସନ୍ତୁ ଜାଣିବା ବ୍ୟକ୍ତିଙ୍କ ଚାଲି ତାଙ୍କ ବ୍ୟକ୍ତିତ୍ୱ ସମ୍ପର୍କରେ କ'ଣ ସୂଚନା ଦିଏ...**



* ଶୀଘ୍ର ଶୀଘ୍ର ଚାଲୁଥିବା ବ୍ୟକ୍ତିମାନେ ସର୍ବଦା ଏନର୍ଜେଟିକ୍ ଥା'ନ୍ତି। ଏହି ବ୍ୟକ୍ତିମାନେ ଆତ୍ମବିଶ୍ୱାସୀ, ସାହସୀ ତଥା ସବୁ ପରିସ୍ଥିତିକୁ ସାମ୍ନା କରିବାର ଦମ୍ଭ ରଖନ୍ତି।
* ଆସ୍ତେ ଆସ୍ତେ ଚାଲୁଥିବା ବ୍ୟକ୍ତି ସାଧାରଣତଃ ଧୀର ସ୍ୱଭାବର ହୋଇଥାନ୍ତି। ଏମାନେ ସର୍ବଦା ସଜାଗ ଥା'ନ୍ତି ଏବଂ ନିଜ ଦୁନିଆରେ ରହିବାକୁ ପସନ୍ଦ କରିଥାନ୍ତି। ଅନ୍ୟମାନଙ୍କ ସହ ଉତ୍ତମ ଯୋଗାଯୋଗ ରଖିବାରେ ଏମାନେ ପ୍ରବୀଣ ଥା'ନ୍ତି।
* ଗୋଡ ଘୋଷାଡି ଚାଲୁଥିବା ବ୍ୟକ୍ତି ସାଧାରଣତଃ ଅଳସୁଆ ସ୍ୱଭାବର ହୋଇଥାନ୍ତି। ସେମାନଙ୍କଠାରେ ଆତ୍ମବିଶ୍ୱାସ କମ୍ ଥାଏ। ଏମାନେ ନିଜକୁ ଚିନ୍ତା ଏବଂ ଅବସାଦ ମୁକ୍ତ କରିପାରନ୍ତି ନାହିଁ।
* ଜୋର ପାଦ ପକେଇ ଚାଲୁଥିବା ବ୍ୟକ୍ତିଙ୍କଠାରେ ପିଲାଳିଆମି ଗୁଣ ଅଧିକ ଥାଏ। ଏମାନେ ସାଧାରଣତଃ ବଦ୍‌ରାଗି ସ୍ୱଭାବର ହୋଇଥାନ୍ତି।
* ଲମ୍ବା ପାହୁଣ୍ଡ ପକେଇ ଚାଲୁଥିବା ବ୍ୟକ୍ତିମାନେ ମଲ୍ଟି ଟାସ୍କିଙ୍ଗ୍ ହୋଇଥାନ୍ତି। ଏକା ସଙ୍ଗେ ଅନେକଗୁଡିଏ କାମ କରିପାରୁଥିବା ହେତୁ ଏମାନଙ୍କଠାରେ ଆତ୍ମ ବିଶ୍ୱାସ ମଧ୍ୟ ଭରପୂର ଥାଏ।

# ପାଠକୀୟ

❖ଆମ ପରମ୍ପରା ଓ ଚଳଣିର ଏକ ସୁନ୍ଦର ନିଦର୍ଶନ ଝୋଟି ବା ରଙ୍ଗୋଲି, ଯାହା କେବଳ ଦେଖିବାକୁ ଆକର୍ଷଣୀୟ ନୁହେଁ ସୌଭାଗ୍ୟର ପ୍ରତୀକ ମଧ୍ୟ। ତେଣୁ ଏଥରର ପ୍ରଚ୍ଛଦ ପ୍ରସଙ୍ଗରୁ ଏ ନେଇ ଅନେକ କଥା ଜାଣିବାକୁ ମିଳିବାରୁ ମୋତେ ଖୁବ୍ ଖୁସି ଲାଗିଲା। 'ଜୀବନ ଜମି' ନାମକ ଗପଟି ବି ଖୁବ୍ ସୁନ୍ଦର ଭାବେ ଉପସ୍ଥାପନ ହୋଇଥିଲା। ଅପ୍ୟପକ୍ଷେ କବିତାଗୁଡ଼ିକ ମଧ୍ୟ ବେଶ୍ ହୃଦୟସ୍ପର୍ଶୀ ହୋଇପାରୁଛି।

*–ଅରୁଣ କୁମାର ନାୟକ, ମାନସ କୁମାର ଯେନା, ଏରେଇଁ, ଚରମ୍ପା, ଭଦ୍ରକ*

❖ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ଝୋଟି'କୁ ଖୁବ୍ ସୁନ୍ଦର ଭାବେ ଉପସ୍ଥାପନ କରାଯାଇଥିଲା। ସେହିପରି 'ଏମିତି ପାଳନ୍ତୁ ଦୀପାବଳି', 'ଦୀପାବଳିରେ ଉପହାର' ଆଦି ପାଠଗୁଡ଼ିକରୁ ଅନେକ କିଛି ଶିଖିବାକୁ ମିଳିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ 'କିରନ୍ ନାଗରକର'ଙ୍କ ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସିନେମା ପୃଷ୍ଠାଟି ବି ବେଶ୍ ଆକର୍ଷଣୀୟ ହୋଇଥିଲା।

*–ଦେବାଶିଷ ଷଡ଼ଙ୍ଗୀ, ମୟୂରଭଞ୍ଜ*

❖ଏଥରର ସିନେମା ପୃଷ୍ଠାରେ ସ୍ଥାନିତ 'ଟେନ୍‌ସନ୍‌ରେ ପରିଣୀତି', 'ମନ ଦୁଃଖ କରିଛନ୍ତି ବାଣୀ', 'ଚକୋଲେଟ୍ ପ୍ରିୟ ଅନନ୍ୟା' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ଉଚ୍ଚକୋଟୀର ହୋଇଥିଲା। ସେହିପରି ପ୍ରଥମ ରୋଜଗାର ସ୍ତମ୍ଭରେ ସ୍ଥାନିତ 'ଶିକ୍ଷାବିତ୍ ତଥା ସାହିତ୍ୟିକ ଭାଗୀରଥି ବେହେରାଙ୍କ ରୋଜଗାର ସମ୍ପର୍କିତ ଲେଖାଟି ମୋ ମନ କିଣିନେଲା। ଅନ୍ୟପକ୍ଷେ 'ଫ୍ୟାଶନରେ ଅଳତା' ନାମକ ପେଜ୍‌ଟି ବି ଖୁବ୍ ଆକର୍ଷଣୀୟ ଲାଗୁଥିଲା।

*–ଅନାଦି ସେଠୀ, ଭବାନୀପାଟଣା*

❖ମଡେଲ୍ ମିରର୍‌ରେ 'ଜିପ୍ସିତା' ବେଶ୍ ସୁନ୍ଦରୀ ଲାଗୁଥିଲେ। ହାଃ ହାଃ ବି ଖୁବ୍ ମଜାଳିଆ ହୋଇଥିଲା। ସେହିପରି ସହର ପୃଷ୍ଠାରୁ 'ଚାମୁଣ୍ଡେଶ୍ୱରୀ ମନ୍ଦିର' ସମ୍ପର୍କରେ ଅନେକ ଅଜଣା କଥା ଜାଣିବାକୁ ମିଳିଲା। ବିବିଧା ପୃଷ୍ଠାରେ ସ୍ଥାନିତ 'ମଡ୍ କୁକିଜ୍' ନାମକ ପାଠଟି ପଢିଲା ପରେ ଭାରୀ ଦୁଃଖ ଲାଗିଲା। ସତରେ ହୈତିର ଏହି ଲୋକମାନେ ଖାଦ୍ୟାଭାବରୁ କିଭଳି କାଦୁଅର ବିସ୍କୁଟ ଖାଇ ପେଟର ଜ୍ୱାଳାକୁ ଶାନ୍ତ କରୁଛନ୍ତି ତାହା ବିସ୍ମୟକର ଥିଲା।

*–ଘନଶ୍ୟାମ ବେହେରା, ମଙ୍ଗଳପୁର, ପିପିଲି, ପୁରୀ*

❖ଯାତ୍ରା ପୃଷ୍ଠାରେ ସ୍ଥାନିତ 'ଗୁପ୍ତ ସମ୍ପର୍କ'ର ଶ୍ରୀୟା, 'ମାୟାବିନୀ ମୌସୁମୀ'ରେ ନାରୀର କଥା' ଆଦି ପାଠଗୁଡ଼ିକ ଖୁବ୍ ମନଛୁଆଁ ହୋଇପାରିଥିଲା। ଅନ୍ୟପକ୍ଷେ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଫିଙ୍ଗର୍ ଟାଟୁ', '୧ କି.ଗ୍ରା ଓଜନର ସୁନା କାନଫୁଲ', 'ବେସାହାରା ପ୍ରାଣୀଙ୍କ ସାହାରା ୯ ବର୍ଷର ବାଳକ' ଆଦି ପାଠଗୁଡ଼ିକ ବେଶ୍ ଆଶ୍ଚର୍ଯ୍ୟକର ଥିଲା।

*–ରାକେଶ ପ୍ରଧାନ, ସୁନ୍ଦରଗଡ଼*

## ବିଶେଷ ଚିଠି



ଛୁଟିଦିନର ପ୍ରଚ୍ଛଦ ପ୍ରସଙ୍ଗ 'ଝୋଟି'
ତାକୁ ଦେଖି ଆଖି ମୋର ଗଲା ଲାଖି,
ଭାରି ଭଲ ଥିଲା ଏହାର ଉପସ୍ଥାପନ
ଶିଖାଇଲା ଅନେକ କଥାମାନ।
ଭ୍ରମଣ ବୃତ୍ତାନ୍ତ ଦିଏ ଦେଶବିଦେଶ ଖବର
ସୃଜନ ଶିଖାଏ ଆମକୁ କଳା ସଂସ୍କୃତିର,
ତା'ସାଙ୍ଗକୁ ହାଃ ହାଃ ଓ କାର୍ଟୁନ କର୍ନର
ଯୋଗାଏ ଆମକୁ ଖୁସି ମନୋରଞ୍ଜନର।

*–ଅଶୋକ କୁମାର ମହାନ୍ତି, ଜଟଣୀ, ଖୋର୍ଦ୍ଧା*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା | ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ–ମେଲ୍ ଠିକଣା: chhutidinadharitri@gmail.com

# କୁନି ତାରକା



ଶୁଭ୍ରାଂଶୁ ନାୟକ



ପିଲା ହେଉଛନ୍ତି ପ୍ରଜାପତି ପରି। ମନ ସେମାନଙ୍କର ଚାହେଁ ଉଡ଼ି ବୁଲିବାକୁ, ଆଉ ଛୁଇଁବାକୁ ଦୂର ଦିଗ୍‌ବଳୟ। ବେଳେବେଳେ ସେଇ ଝୁଙ୍କ୍‌ରେ ସେମାନେ ନିଜର ସମସ୍ତ ଶକ୍ତି ଓ ବୁଦ୍ଧି ଲଗାଇଦିଅନ୍ତି । ଆଉ ପହଞ୍ଚିଯାଆନ୍ତି ଶୀର୍ଷରେ। ପାଲଟିଯାଆନ୍ତି ଅନ୍ୟମାନଙ୍କ ପାଇଁ ଆଦର୍ଶ। ଓଡ଼ିଶାର ସେମିତି କେତେଜଣ କୁନି ତାରକାଙ୍କ ସଫଳତାର କାହାଣୀ ଏଥରର ପ୍ରଚ୍ଛଦରେ...

**ସ୍କୁଲ ଲାବ୍‌ରୁ ନାସା–** ଅନୁଗୋଳ ସହର ଉପକଣ୍ଠସ୍ଥ ହୁଲୁରିସିଂହାର ଶୁଭ୍ରାଂଶୁ ନାୟକ। ନବମ ଶ୍ରେଣୀର ଛାତ୍ର। ବାପା ଲକ୍ଷ୍ମଣ ନାୟକ ବ୍ୟାଗ୍ ତିଆରି କରି ବିକ୍ରି କରନ୍ତି। ମା’ ସୁଲୋଚନା ଗୃହିଣୀ। ବର୍ଷେ ତଳେ ବିଦ୍ୟାଳୟରେ ଅଟଳ ଟିଙ୍କରିଙ୍ଗ୍ ଲ୍ୟାବ୍ (ଏଟିଏଲ୍) ଆରମ୍ଭ ହୋଇଥିଲା। ସେଇଠୁ ଆରମ୍ଭ ହୋଇଥିଲା ତାଙ୍କ ଗବେଷଣା। ଆଉ ବିଭିନ୍ନ ପ୍ରୋଜେକ୍ଟ କରିବା ଆରମ୍ଭ କରିଥିଲେ। ହେଲେ ଦୁର୍ଭାଗ୍ୟବଶତଃ ଗତବର୍ଷ ତାଙ୍କ ହାତ ଭାଙ୍ଗି ଯାଇଥିଲା। ହେଲେ ମନରେ ବିଜ୍ଞାନର ନିଶା ସେମିତି ଚଢ଼ିକି ଥାଏ। ଘରେ ବସି ବସି ସେ ଏମିତି ଏକ ଡ୍ରୋନ୍‌ର ପରିକଳ୍ପନା କଲେ, ଯାହା ଅପହଞ୍ଚ ଇଲାକାର ରୋଗୀଙ୍କ ପାଇଁ ପୁଷ୍ପକ ବିମାନ ସାଜିବ। ଆଉ ସେମାନଙ୍କୁ ସଙ୍ଗେସଙ୍ଗେ ଆଶୁ ଚିକିତ୍ସା ଯୋଗାଇବ ଓ ଡାକ୍ତରଙ୍କ ସହ ସିଧାସଳଖ କଥାବାର୍ତ୍ତା କରାଇ ଉପଯୁକ୍ତ ପରାମର୍ଶ ବି ଦେଇପାରିବ। ଥରେ ତାଙ୍କ ବିଜ୍ଞାନ ଶିକ୍ଷକ ଏକ ଛୋଟିଆ ଡ୍ରୋନ୍ କରିବା ଶିଖାଇଥିଲେ। ତାକୁ ଆଧାର କରି ସେ ଏଭଳି ଡ୍ରୋନ୍‌ର ପରିକଳ୍ପନା କଲେ। ପ୍ରାରମ୍ଭିକ ସ୍ତରରେ ତାଙ୍କୁ ଏକ ମୋବାଇଲ ଓ ଲାପ୍‌ଟପ୍ ଆବଶ୍ୟକ ଥିଲା। ତେଣୁ ସେ ବାପାଙ୍କୁ କହିଥିଲେ ଏସବୁ ଆଣିବାକୁ। ହେଲେ ବାପା ରାଜି ହୋଇ ନ ଥିଲେ। ଅନ୍ୟ ବୟୋଜ୍ୟେଷ୍ଠମାନେ ବି ମନା କରିଥିଲେ। ହେଲେ ଶୁଭ୍ରାଂଶୁ ନିଜ ଜିଦ୍‌ରେ ଥିଲେ ଅଟଳ। ଆଉ ସେ ପ୍ରତିଶ୍ରୁତି ଦେଇଥିଲେ ଯେ, ଏ ସବୁର ସଦ୍‌ଉପଯୋଗ କରି କିଛି ଭଲ କାମ କରି ଦେଖେଇବେ। ଶେଷରେ ବାପା ଧାରକରଜ କରି ମୋବାଇଲ ଓ ଲାପ୍‌ଟପ୍ ଆଣିଦେଲେ। ଇଣ୍ଟରନେଟ୍ ସାହାଯ୍ୟରେ ସେ ଅନେକ କଥା ଶିଖିଲେ। ଆଉ ତାର ଏକ ଡାଏଗ୍ରାମ ପ୍ରସ୍ତୁତ କଲେ। ହାତ ଭଲ ହେବାପରେ ବିଦ୍ୟାଳୟର ତିନିଜଣ ଶିକ୍ଷକ ବି ତାଙ୍କ ସ୍ୱପ୍ନ ସାକାର କରିବାରେ ସାହାଯ୍ୟ କଲେ। ୩ ମାସର ପରିଶ୍ରମ ଓ ୬୫ ହଜାର ଟଙ୍କା ବ୍ୟୟ ପରେ ସେ ଏହି ପ୍ରକଳ୍ପର ମଡେଲ ପ୍ରସ୍ତୁତ କରିବାରେ ସଫଳ ହେଲେ। ଆଉ ତା’ର ନାଁ ଦେଲେ ‘ମାଭିକ୍’। ଶୁଭ୍ରାଂଶୁ କହନ୍ତି,‘ ମାଭିକ୍ ଡ୍ରୋନ୍ ଗୁଗୁଲ ମ୍ୟାପ୍ ଦ୍ୱାରା ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ବିନା ପ୍ରତିବନ୍ଧକରେ ଯାଇପାରିବ। ଏପରି କି ବଡ଼ ବଡ଼ ଅଟ୍ଟାଳିକା କି ଗଛ ଥିଲେ ଅଟୋ ସେନ୍‌ସର ଦ୍ୱାରା ଗତିପଥ ବଦଳାଇପାରିବ। ଆଉ ଦୁର୍ଗମ ଅଞ୍ଚଳ ଓ ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ତ୍ୱରିତ ପ୍ରାଥମିକ ଚିକିତ୍ସା ଯୋଗାଇବାରେ ସହାୟକ ହୋଇପାରିବ। ଏହା ୧୫ କି.ଗ୍ରା. ଓଜନର ଫାଷ୍ଟଏଡ୍ ଧରି ପହଞ୍ଚିବା ପରେ ଘଟଣାସ୍ଥଳରେ ଥିବା ଲୋକ କ୍ୟାମେରାରେ ଡାକ୍ତରଙ୍କ ପରାମର୍ଶ ନେଇ ରୋଗୀର ଚିକିତ୍ସା କରାଇପାରିବେ। ଉକ୍ତ ଡ୍ରୋନ୍‌ର ୨୪ ଘଣ୍ଟିଆ ଉଡ଼ାଣ କ୍ଷମତା ଥିବାବେଳେ ସେଥିରେ ସୋଲାର ପ୍ୟାନେଲ ସଂଯୋଗ କଲେ ଅଧିକ ସମୟ ଓ ଅଧିକ ବାଟ ଯାଇପାରିବ।’ ଇଣ୍ଟରନେଟ୍‌ରୁ ଶୁଭ୍ରାଂଶୁ ଜାଣିବାକୁ ପାଇଥିଲେ ଯେ www.nasa.org.inରେ ବିଜ୍ଞାନପ୍ରକଳ୍ପକୁ ନେଇ ଏକ ପ୍ରତିଯୋଗିତା ହେଉଛି। ତେଣୁ ସେ ବି ନିଜ ପ୍ରକଳ୍ପକୁ ନାସା ୱେବସାଇଟ୍‌ରେ ଅପ୍‌ଲୋଡ୍ କରିଥିଲେ। ଆଉ ବିଶ୍ୱର ୧୩୮ ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ତାଙ୍କୁ ଦ୍ୱିତୀୟ ସ୍ଥାନ ମିଳିଲା। ତାଙ୍କ ପ୍ରକଳ୍ପ ମନୋନୀତ ହୋଇଥିବା ନେଇ ଏକ ଚିଠି ନାସାରୁ ବିଦ୍ୟାଳୟକୁ ଆସିଥିଲା। ଏହାପରେ ସେ ସାରା ଓଡ଼ିଶାର ପିଲାଙ୍କ ପାଇଁ ପାଲଟିଗଲେ ଆଦର୍ଶ। ଦିଲ୍ଲୀରୁ ପ୍ରଫେସର ଆସି ତାଙ୍କୁ ୧୦ ଦିନିଆ ପ୍ରଶିକ୍ଷଣ ମଧ୍ୟ ଦେଇଛନ୍ତି। ଆସନ୍ତା ଜାନୁୟାରୀ ୧ରେ ନାସା ସ୍ପେସ୍ ସେଟେଲମେଣ୍ଟ ପ୍ରତିଯୋଗିତା ଅଛି। ତେଣୁ ବିଜ୍ଞାନ ଶିକ୍ଷକଙ୍କ ସହ ସେ ଆସନ୍ତା ୨୭ରେ ଆମେରିକା ଗସ୍ତ କରିବେ। ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଆର୍ଥିକ ସହାୟତା ଯୋଗାଇଦେବେ। ଜିଲା ପ୍ରଶାସନ ଓ ଜିଲା ଶିକ୍ଷା ଅଧିକାରୀ ବି ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେଇଛନ୍ତି।

**ଲକ୍ଷ୍ୟ ଅନ୍ତର୍ଜାତୀୟ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ଜିତିବା–** ସଦ୍ୟସ୍ମିତା ନାୟକ। ବୟସ ୧୩, ଅଷ୍ଟମ ଶ୍ରେଣୀର ଛାତ୍ରୀ। ରାଜନଗର ବ୍ଲକ ବନ୍ଧପଡା ଗ୍ରାମର ସଦ୍ୟସ୍ମିତା ପାଠପଢ଼ାରେ ଯେମିତି ଦକ୍ଷ, ଖେଳକୁଦରେ ସେମିତି ମାହିର। ନିକଟରେ ସେ ନୂଆ ଦିଲ୍ଲୀରେ ଆୟୋଜିତ ଏମ୍.କେ. କ୍ଲାସିକ୍ ଓପନ ଇଣ୍ଟରନ୍ୟାଶନାଲ ତାଇକୋଣ୍ଡୋ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ହାସଲ କରି ନିଜ ଗାଁର ଟେକ ରଖିଛନ୍ତି। ସଦ୍ୟସ୍ମିତାଙ୍କ ବାପା ପ୍ରତାପ କୁମାର ନାୟକ ଜଣେ ଶିକ୍ଷକ। ମା’ ସରୋଜିନୀ ଗୃହିଣୀ। ସଦ୍ୟସ୍ମିତା କହନ୍ତି, ‘ମଦନପୁର ମହାବୀର ନୋଡାଲ ହାଇସ୍କୁଲରେ ମୁଁ ପଢେ। ଦିନେ ଆମ ବିଦ୍ୟାଳୟକୁ ସେଲ୍ଫ

→





ମା’ବାପାଙ୍କ ସହ ଶୁଭ୍ରାଂଶୁ





ଇସ୍ରୋ ବୈଜ୍ଞାନିକଙ୍କ ସହ ଚିନ୍ମୟ (ବାମ)



ସଦ୍ୟସ୍ମିତା




ଶ୍ରୀୟାଂଶ-ପ୍ରିୟାଂଶ

ଡିଫେନ୍ସ ବା ଆତ୍ମରକ୍ଷା କୌଶଳ ଶିଖେଇବା ପାଇଁ କେତେଜଣ ଆସିଥିଲେ। ସେହି ପ୍ରଶିକ୍ଷଣ ସମୟରେ ମୋ ମନରେ ଟାଏକୋଣ୍ଡୋ ଶିଖିବାର ଇଚ୍ଛା ଜାଗ୍ରତ ହେଲା। ଆଉ ଘରେ କହି ଟାଏକୋଣ୍ଡୋ ଶିଖିବା ଆରମ୍ଭ କଲି। ଏ ହେଉଛି ୩ ବର୍ଷ ତଳର କଥା। ତା'ପରେ ମୁଁ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କଲି। କେନ୍ଦ୍ରାପଡ଼ା ଜିଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମେ ସ୍ୱର୍ଣ୍ଣ ପଦକ ହାସଲ କଲି। ଏହାପରେ କଟକର କଳ୍ପତରୁ ଇନ୍‌ଡୋର ଷ୍ଟାଡିୟମ୍‌ରେ ଅନୁଷ୍ଠିତ ୩୪ତମ ରାଜ୍ୟସ୍ତରୀୟ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ହାସଲ କଲି। ପରେ ଓପନ୍ ଇଣ୍ଟରନ୍ୟାଶନାଲ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରି ଚାଇନା ପ୍ରତିଯୋଗୀଙ୍କୁ ହରାଇ ରୌପ୍ୟ ପଦକ ପାଇଲି। ଏବେ ମୋର ଲକ୍ଷ୍ୟ ରହିଛି ଅନ୍ତର୍ଜାତୀୟସ୍ତରର ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରି ସ୍ୱର୍ଣ୍ଣପଦକ ହାସଲ କରିବା। ସେଥିପାଇଁ ବହୁତ ପରିଶ୍ରମ କରୁଛି। ଦିନକୁ ୫ ଘଣ୍ଟା ସମୟ ଦେଉଛି ଅଭ୍ୟାସ ପାଇଁ। ତା'ସହ ପାଠପଢ଼ା ବି ଚାଲିଛି।'


**କେ. ଶିବନ ଓ ଅନ୍ୟ ଇସ୍ରୋ ବୈଜ୍ଞାନିକଙ୍କ ସହ ବିତିଥିବା ମୁହୂର୍ତ୍ତ ଥିଲା ଖାସ୍-** ବିଜ୍ଞାନ ପ୍ରତି ରୁଚି ବହୁ ଆଗରୁ ଥିଲା। ତେଣୁ ବିଭିନ୍ନ ରାଜ୍ୟସ୍ତରୀୟ ଅଲିମ୍ପିଆଡରେ ଅଂଶଗ୍ରହଣ କରୁଥିଲେ। ଚଳିତ ବର୍ଷ ସେ ରାଜ୍ୟସ୍ତରୀୟ ସାଇବର ଅଲିମ୍ପିଆଡ ଟପ୍ପର ଓ ରାଜ୍ୟସ୍ତରୀୟ ବିଜ୍ଞାନ ଅଲିମ୍ପିଆଡରେ ଜୋନାଲ ଏକ୍ସଲେନ୍ସ ସାର୍ଟିଫିକେଟ୍ ହାସଲ କରିଥିଲେ। ଆଉ ଏହାର ଅଳ୍ପ କିଛି ମାସ ପରେ ତାଙ୍କ ମାମୁ ଓ ଶିକ୍ଷକମାନେ ଖବର ଦେଲେ ଯେ, www.mygov.inରେ ସ୍ପେସ୍ କୁଇଜ୍ ହେବ। ଏଥିରେ ମଧ୍ୟ ସେ ଅଂଶଗ୍ରହଣ କଲେ ଓ ସର୍ବାଧିକ ନମ୍ବର ରଖିଲେ। ଫଳରେ ତାଙ୍କୁ ଏମିତି ଏକ ସୁଯୋଗ ମିଳିଲା, ଯାହା ଥିଲା ତାଙ୍କ ପାଇଁ ସ୍ୱପ୍ନ ପରି। ଇସ୍ରୋରୁ ନିମନ୍ତ୍ରଣ ଆସିଲା ଚନ୍ଦ୍ରଯାନ-୨ର ଚନ୍ଦ୍ରରେ ଅବତରଣ ଦେଖିବା ପାଇଁ। ଏହି ପ୍ରତିଭାବାନ୍ ପିଲା ଜଣକ ହେଉଛନ୍ତି ଝାରସୁଗୁଡା ଜିଲାର ଚିନ୍ମୟ ଚୌଧୁରୀ। ଘର ଝାରସୁଗୁଡା ଜିଲ୍ଲା ଲଇକେରା ବ୍ଲକ ଅନ୍ତର୍ଗତ ସାନତୁରିଆମ ଗାଁରେ। ବାପା ପଙ୍କଜ ଚୌଧୁରୀ ଏମ୍‌ସିଏଲ୍ ଲଖନପୁର କ୍ଷେତ୍ରରେ ଜଣେ କେମିଷ୍ଟ ଓ ମା' ଦୀପ୍ତିରାଣୀ ପଟେଲ ଶିକ୍ଷୟିତ୍ରୀ। ବନ୍ଧବାହାଲ ଡିଏଭି ସ୍କୁଲରେ ଅଷ୍ଟମ ଶ୍ରେଣୀରେ ପଢୁଥିବା ଚିନ୍ମୟ ଚଳିତ ବର୍ଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଇସ୍ରୋର ବିଶିଷ୍ଟ ବୈଜ୍ଞାନିକମାନଙ୍କ ସହ ଚନ୍ଦ୍ରଯାନ-୨ର ଅବତରଣ ଦେଖିବାର ସୁଯୋଗ ପାଇଥିଲେ। ଚିନ୍ମୟ କହନ୍ତି, 'ପ୍ରଥମେ ପ୍ରଧାନମନ୍ତ୍ରୀଙ୍କ ଅଫିସରୁ କଲ୍ ଆସିଥିଲା। ସେମାନେ ମୋର ସଫଳତା ପାଇଁ ଶୁଭେଚ୍ଛା ଜଣାଇବା ସହ କାର୍ଯ୍ୟସୂଚୀ ସମ୍ପର୍କରେ ଅବଗତ କରାଇଥିଲେ। ପରେ ଇସ୍ରୋ ବେଙ୍ଗାଲୁରୁରୁ ବି ନିମନ୍ତ୍ରଣ କରି କାର୍ଯ୍ୟକ୍ରମ ସମ୍ପର୍କରେ ଜଣାଇଲେ। ଜରୁରୀ ଡକ୍ୟୁମେଣ୍ଟ ଭେରିଫିକେସନ୍ ପରେ ଆମକୁ କନଫର୍ମ କଲେ। ତା'ପରେ ଆମେ ବେଙ୍ଗାଲୁରୁ ଅଭିମୁଖେ ବାହାରିଲୁ। ଇସ୍ରୋର ଗେଷ୍ଟ ହାଉସ୍‌ରେ ରହିବା ବନ୍ଦୋବସ୍ତ କରାଯାଇଥିଲା। ଇସ୍ରୋର କେତେଜଣ ବୈଜ୍ଞାନିକ ବି ସେଠି ଥିଲେ। ସେମାନେ ଆମକୁ ଚନ୍ଦ୍ରଯାନ-୨ର ସ୍ଥିତି ସମ୍ପର୍କରେ ଜଣାଇଲେ। ତା'ସହ ପ୍ରୋଗ୍ରାମ ସିଡ୍ୟୁଲ୍ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ କିଭଳି ସାକ୍ଷାତ୍ କରିବୁ ବୁଝାଇଥିଲେ। ସନ୍ଧ୍ୟାରେ ଆମକୁ ଗେଷ୍ଟହାଉସ୍‌ଠୁ ୬୦ କି.ମି. ଦୂର ଇସ୍ରୋର କଣ୍ଟ୍ରୋଲ୍ ରୁମ୍‌କୁ ନିଆଯାଇଥିଲା। ଆମେ ପହଞ୍ଚିବାର କିଛି ସମୟ ପରେ ପ୍ରଧାନମନ୍ତ୍ରୀ ଆସିଥିଲେ। ପ୍ରାୟ୧୦-୧୫ ମିନିଟ ଆମେ ପ୍ରଧାନମନ୍ତ୍ରୀଙ୍କ ସହ କଥାବାର୍ତ୍ତା ହେବାର ସୁଯୋଗ ପାଇଲୁ। ସେ ଆମକୁ ବିଜ୍ଞାନ କ୍ଷେତ୍ରରେ ଆଗେଇ ଭବିଷ୍ୟତରେ ବୈଜ୍ଞାନିକ ହେବା ପାଇଁ ପ୍ରୋତ୍ସାହିତ କଲେ। ପରେ ଫଟୋ ସେସନ୍ ହେଲା। ଏହାପରେ ଇସ୍ରୋ ଚେୟାରମ୍ୟାନ ଡ. କେ.ଶିବନ ଓ ଅନ୍ୟ ବୈଜ୍ଞାନିକଙ୍କ ସହ ମିଶିବାର ସୁଯୋଗ ପାଇଲୁ। କେ.ଶିବନଙ୍କ ସହ ଆମେ ଅନେକ ସମୟ ଧରି କଥା ହେଲୁ। ସେ ଆମକୁ ଇସ୍ରୋରେ କିଭଳି କାମ ହେଉଛି ଜଣାଇଲେ। ତାଙ୍କ ଅଟୋଗ୍ରାଫ୍ ବି ଆଣିଲୁ। ଆମକୁ ସେ ବିଜ୍ଞାନ ଉପରେ ଅଧିକରୁ ଅଧିକ କାମ କରିବା ସହ ଭବିଷ୍ୟତରେ ଇସ୍ରୋରେ ବୈଜ୍ଞାନିକ ଭାବେ ଦେଖିବାକୁ ଚାହାନ୍ତି ବୋଲି କହିଥିଲେ। କେ.ଶିବନଙ୍କ ସହ ବିତାଇଥିବା ପ୍ରତି ମୁହୂର୍ତ୍ତ ମୋ ପାଇଁ ଅଭୁଲା ହୋଇ ରହିଯାଇଛି। ସେଦିନ ଚନ୍ଦ୍ରଯାନ-୨ର ଅବତରଣ ଦୃଶ୍ୟକୁ ସିଧାସଳଖ ଦେଖିବା ସମୟରେ ତ ମୋର ହୃତ୍‌ସ୍ପନ୍ଦନ ବଢ଼ିଯାଇଥିଲା। ବୈଜ୍ଞାନିକମାନଙ୍କ କଠିନ ପରିଶ୍ରମ ଦେଖି ବହୁତ ପ୍ରେରଣା ମିଳିଥିଲା। ଏବେ ଆଗକୁ ବିଜ୍ଞାନରେ ହିଁ ବଢିବାର ନିଷ୍ପତ୍ତି ନେଇଛି। ବାପା ପଙ୍କଜ କହନ୍ତି, 'ଏତେସବୁ ସଫଳତା ପରେ ମୋତେ ମୋ ପୁଅ ଉପରେ ବିଶ୍ୱାସ ଆସିଯାଇଛି ଯେ, ସେ ବିଜ୍ଞାନ କ୍ଷେତ୍ରରେ ନିଶ୍ଚୟ ସଫଳ ହେବ। ସେଥିପାଇଁ ବିଜ୍ଞାନ କ୍ଷେତ୍ରରେ ହିଁ ସେ ଆଗଉ ବୋଲି ଚାହୁଁଛି।'

**ଚେସ୍ ମାଷ୍ଟର ଯମଜ ଭାଇ:** ଯମଜ ଭାଇ ଶ୍ରୀୟାଂଶ ଓ ପ୍ରିୟାଂଶ ଏବେ ପାଲଟିଛନ୍ତି ଯାଜପୁର ଜିଲାର ଗର୍ବ। ରସୁଲପୁର ବ୍ଲକ ବାରବାଟୀ ଗାଁର ମୃତ୍ୟୁଞ୍ଜୟ ଦାସ ଓ ମାନସୀ ଦାସଙ୍କ ଏହି ଯମଜ ପୁତ୍ର ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ଚାମ୍ପିୟନଶିପ୍‌ରେ ସଫଳତା ପାଇଛନ୍ତି। ଆଉ ପାଲଟିଛନ୍ତି ଚେସ୍ ତାରକା। କୋଚ୍ ନୀହାର ରଞ୍ଜନ ସାମଲଙ୍କଠାରୁ ଚେସ୍ ଶିଖିବା ଆରମ୍ଭ କରିବାପରେ ସେମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କଲେ। ୨୦୧୬ରେ ତାସ୍‌କେଣ୍ଟ ଓ ମଙ୍ଗୋଲିଆରେ ଚେସ୍ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଥିଲେ। ଏହାପରେ ୨୦୧୭ ନୂଆଦିଲ୍ଲୀରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପ୍ରତିଯୋଗିତାର ୮ ବର୍ଷରୁ କମ୍ ବିଭାଗରେ ଶ୍ରୀୟାଂଶ ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ପ୍ରିୟାଂଶ ନବମ ସ୍ଥାନରେ ରହିଥିଲେ। ସେହିବର୍ଷ ବ୍ରାଜିଲରେ ଅନୁଷ୍ଠିତ ୮ ବର୍ଷରୁ କମ୍ ଚେସ୍ ଚାମ୍ପିୟନଶିପ୍‌ରେ ଶ୍ରୀୟାଂଶ ୫ମ ସ୍ଥାନ ଅଧିକାର କରିଥିଲେ। ଏହାପରେ ୯ ବର୍ଷରୁ କମ୍ ରାଜ୍ୟ ଚେସ୍ ଚାମ୍ପିୟନଶିପ୍‌ରେ ଯୋଗଦେଇ ପ୍ରିୟାଂଶ ଚାମ୍ପିୟନ ଓ ଶ୍ରୀୟାଂଶ ରନର୍ସଅପ୍ ହୋଇଥିଲେ। ଝାରସୁଗୁଡ଼ାରେ ଗତ ଅକ୍ଟୋବର ୧୨ରୁ ୧୪ ତିନିଦିନ ଧରି ୭ରାଉଣ୍ଡ ବିଶିଷ୍ଟ ଚାଲିଥିବା ରାଜ୍ୟ ୧୧ ବର୍ଷରୁ କମ୍ ଓପନ୍ ଚେସ୍ ଚାମ୍ପିୟନଶିପ୍ ପ୍ରତିଯୋଗିତାରେ ଶ୍ରୀୟାଂଶ ୬ ପଏଣ୍ଟ କରି ଚାମ୍ପିୟନ ହୋଇଛନ୍ତି ଏବଂ ପ୍ରିୟାଂଶ ୫.୫ ପଏଣ୍ଟ ହାସଲ କରି ତୃତୀୟ ସ୍ଥାନ ପାଇଛନ୍ତି। ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲାରୁ ୭୦ ଜଣରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବର୍ତ୍ତମାନ ଶ୍ରୀୟାଂଶ ଆସନ୍ତା ଡିସେମ୍ବର ୧୫ ତାରିଖରୁ ନୂଆଦିଲ୍ଲୀରେ ହେବାକୁ ଥିବା ଜାତୀୟ ଚେସ୍ ଚାମ୍ପିୟନଶିପ୍ ପାଇଁ ମନୋନୀତ ହୋଇଛନ୍ତି। ଯମଜ ଭାଇଙ୍କ ବାପା ମୃତ୍ୟୁଞ୍ଜୟ କହନ୍ତି, 'ପ୍ରତିଭା ଥିବା ସତ୍ତ୍ୱେ ଆର୍ଥିକ ଅନଟନ ପାଇଁ ଦୁଇ ପୁଅ ବିଦେଶରେ ହେଉଥିବା ବଡ଼ ବଡ଼ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରୁନାହାନ୍ତି। ଏପର୍ଯ୍ୟନ୍ତ ସରକାରୀ କି ବେସରକାରୀ ସ୍ତରରେ କାହାରି ସାହାଯ୍ୟ ମିଳିନାହିଁ।'


ପିଲାଙ୍କ ଭବିଷ୍ୟତକୁ ନେଇ ଆମେ ଚିନ୍ତିତ ହେଉ। ନିଜ ଅପୂରଣୀୟ ଆଶାକୁ ତାଙ୍କ ପାଖରେ ସାକାର ହେଉଥିବା ଦେଖିବାକୁ ଚାହୁଁ। ତେଣୁ ନିଜ ସ୍ୱପ୍ନ ଅନୁସାରେ ଆମେ ତାଙ୍କୁ ଗଢୁ। ହେଲେ ଭୁଲି ଯାଉ ତାଙ୍କର ବି ମନ ଅଛି, ଯେଉଁଥିରେ ଅନେକ କିଛି କରିବାର ଇଚ୍ଛା ରହିଥାଏ। ଯେବେ ଆମେ ତାଙ୍କ ଭାବନାରେ ଡେଣା ଦେବା, ସେବେ ଯାଇ ସେମାନେ ଉଡିପାରିବେ ବହୁତ ଉଚ୍ଚ। ଠିକ୍ ଯେମିତି ଏଇ ସବୁ ପିଲାମାନେ କରି ଦେଖାଇଛନ୍ତି।

**-ଶିବାନୀ ମହାନ୍ତି**

**ତଥ୍ୟ: ହର୍ଷବର୍ଦ୍ଧନ ବେହେରା, ଭାସ୍କର ରାଉତରାୟ, ନୀଳେନ୍ଦ୍ର କୁମାର ଗଜେନ୍ଦ୍ର, ଅମିତ କୁମାର ସାମଲ**



# ଅଜବ କଫି ମଗ୍



**ସକାଳୁ ସକାଳୁ ଗରମାଗରମ କଫି ପିଇବାକୁ ଅନେକଙ୍କୁ ଖୁବ୍ ଭଲ ଲାଗେ। ଏପରି କି କର୍ମବ୍ୟସ୍ତତା ଭିତରେ ବି ଟିକେ ରିଫ୍ରେଶିଙ୍ଗ୍ ଫିଲ୍ ଆଣିବା ପାଇଁ କେହି କେହି କଫିର ସାହାଯ୍ୟ ନେଇଥାନ୍ତି। ତେବେ ଅନେକ ସମୟରେ କଫି ପିଇବାକୁ ପସନ୍ଦ କରୁଥିବା ଲୋକେ ଏହି ପାନୀୟକୁ ଯେତେ ଆନନ୍ଦରେ ପିଇଥାନ୍ତି, ଠିକ୍ ସେମିତି ମାର୍କେଟ୍‌କୁ କ'ଣ ସବୁ ଲାଟେଷ୍ଟ ଡିଜାଇନ୍‌ର କଫି ମଗ୍ ଆସିଛି, ସେ ଅନୁସନ୍ଧାନରେ ବି ରହିଥାନ୍ତି। ତେବେ ଏଠାରେ ସେମିତି କିଛି ଅଜବ ଡିଜାଇନ୍‌ର କଫି ମଗ୍ ସମ୍ପର୍କରେ ଉଲ୍ଲେଖ କରାଗଲା, ଯେଉଁଥିରେ କଫି ପିଇଲେ ଆନନ୍ଦ ଲାଗିବା ସହ ଟିକେ ନିଆରା ଅନୁଭୂତି ମିଳିବ...**

**ଟ୍ରାନ୍ସପରେଣ୍ଟ କଫି ମଗ୍:** ଏହି କୁଲ୍ କଫି ମଗ୍‌ର ଡିଜାଇନ୍ ଏମିତି ଭାବେ କରାଯାଇଛି ଯେ, ଆପଣ ସେହି କଫି ମଗ୍‌ରେ କ'ଣ ପିଉଛନ୍ତି ତାହା ଅନ୍ୟ ଜଣେ ଦୂରରେ ଥାଇ ବି ଖୁବ୍ ଭଲ ଭାବେ ଜାଣିପାରିବେ। କାରଣ ଏହି କଫି ମଗ୍‌ଟି ଟ୍ରାନ୍ସପରେଣ୍ଟ କାଚରେ ତିଆରି ହୋଇଥାଏ।

**ବିସ୍କୁଟ୍ ହୋଲ୍ଡର କଫି ମଗ୍:** ଏହି କଫି ମଗ୍‌ର ଡିଜାଇନ୍ ଏମିତି ଭାବେ କରାଯାଇଛି ଯେ, ଯେଉଁଥିରେ ଏକକାଳୀନ ବିସ୍କୁଟ ଓ କଫିକୁ ରଖିହେବ। ସେ ପୁଣି ଅଲଗା ଅଲଗା। ଏହି ଲାଟେଷ୍ଟ ଡିଜାଇନ୍‌ର କଫି ମଗ୍ ଦେଖିବାକୁ ଯେମିତି ଆଟ୍ରାକ୍ଟିଭ୍ ଲାଗିଥାଏ, ଏଥିରେ କଫି ପିଇଲେ ବି ଟିକେ ନିଆରା ଫିଲ୍ ହୋଇଥାଏ। ଏଥିରେ ଏକକାଳୀନ କଫି ପିଇବା ସହ ବିସ୍କୁଟ୍ ଖାଇବାକୁ ବି ସୁବିଧା ହୁଏ।

**ରାଗ ଅଭିମାନ କମାଇବ କଫି ମଗ୍:** କଫି ମଗ୍ ପୁଣି କାହାର ରାଗ ଅଭିମାନ କମାଇବ ଶୁଣି ଆଶ୍ଚର୍ଯ୍ୟ ଲାଗୁଚି ନା! ହେଲେ ଏହା ସତ। କାରଣ ଏହି କଫି ମଗ୍‌ରେ ଏକ ସ୍ୱତନ୍ତ୍ର ମେସେଜ୍ ଲେଖାଥାଏ, ଯାହାକୁ ପଢ଼ିଲେ ରାଗିଥିବା ଲୋକର ରାଗ କମିଯାଇ ଓଠରେ ହସ ଭରିଯାଏ।

**ଗଲ୍‌ଫ ମଗ୍:** ଗଲ୍‌ଫ ଖେଳିବାକୁ ପସନ୍ଦ କରୁଥିବା ବ୍ୟକ୍ତିଙ୍କ ପାଇଁ ଖୁସି ଖବର। କାରଣ ସେମାନଙ୍କ ପାଇଁ ଏମିତି ଏକ ମଗ୍ ଆସିଗଲାଣି, ଯେଉଁଥିରେ କଫି ପିଇବାର ମଜା ନେବା ସହ ତାକୁ ଟେବୁଲ୍ ଉପରେ ଥୋଇ ସେମାନେ ସେଥିରେ ଗଲ୍‌ଫ ବି ଖେଳିପାରିବେ।

**ସ୍ମାଇଲିଂ କଫି ମଗ୍ :** ସ୍ମାଇଲିଂ ବା ହସ ହସ ମୁହଁର ଚିତ୍ର ଥିବା କଲରଫୁଲ୍ ମଗ୍‌ରେ କଫି ପିଇଲେ ରିଲାକ୍ସ ଫିଲ୍ ହେବା ସହ ମନ ବି ପ୍ରଫୁଲ୍ଲ ରହିଥାଏ। ସେଥିପାଇଁ ଏବେ ଏହି ଷ୍ଟାଇଲ କଫି ମଗ୍‌ର ଭଲ ଡିମାଣ୍ଡ ରହୁଥିବା ଦେଖିବାକୁ ମିଳୁଛି।

**ନିନ୍‌ଜା କଫି ମଗ୍:** ନିନ୍‌ଜା ମାସ୍କ ଲାଗିଥିବା ଏହି କଫି ମଗ୍ କେବଳ ବୟସ୍କ ନୁହେଁ, ଛୋଟ ଛୋଟ ପିଲାମାନଙ୍କୁ ବି ଖୁବ୍ ପସନ୍ଦ ଆସିଥାଏ। ବୟସ୍କମାନେ ଏଥିରେ କଫି ପିଉଥିବା ବେଳେ ପିଲାମାନେ ଏଥିରେ କ୍ଷୀର ଓ ହର୍ଲିକ୍ସ ପିଉଥିବାର ଦେଖିବାକୁ ମିଳେ।

**ଆପେଆପେ କଫି ଫେଣ୍ଟି ହେଉଥିବା ମଗ୍ :** ଏହି କଫି ମଗ୍‌ରେ ଏକ ସ୍ୱତନ୍ତ୍ର ସୁଇଚ୍ ରହିବା ସହ ମଗ୍‌ର ତଳଭାଗରେ କଭର ହୋଇ ବ୍ୟାଟେରୀ ବି ଥାଏ। ଯଦ୍ୱାରା ଏହି ମଗ୍‌ରେ କଫି ଓ କ୍ଷୀରକୁ ପକାଇ ସୁଇଚ୍ ଟିପିଦେଲେ ଏହା ଆପେଆପେ ଫେଣ୍ଟିହୋଇ କଫି ପ୍ରସ୍ତୁତ ହୋଇଯାଏ।


















# ନନ୍ଦଲାଲ ବୋଷ




ଭାରତୀୟ ମଡର୍ନ ଆର୍ଟ କଥା ଉଠିଲେ ସର୍ବପ୍ରଥମେ ଗୋଟିଏ ଚେହେରା ଆଖି ସାମ୍ନାକୁ ଚାଲିଆସେ। ଆଉ ସେ ହେଉଛନ୍ତି, ନନ୍ଦଲାଲ୍ ବୋଷ। କୁହାଯାଏ, ଭାରତୀୟ  ସଂସ୍କୃତିକୁ ସେ କେବଳ ଆଧୁନିକତାର ଦୃଷ୍ଟିକୋଣରୁ ଦେଖି ନ ଥିଲେ ; ଅଧିକନ୍ତୁ ସମଗ୍ର ବିଶ୍ୱକୁ ସେ ଆଧୁନିକତାର ଲେନ୍ସରେ ଦେଖେଇବାର ସଫଳ ପ୍ରୟାସ କରିଥିଲେ। ସେଥିଲାଗି ତାଙ୍କୁ ଭାରତୀୟ ଆଧୁନିକ ପେଣ୍ଟିଂର ରୂପକାର ବୋଲି ମଧ୍ୟ କେହି କେହି କହିଥାନ୍ତି। ନନ୍ଦଲାଲ ବୋଷଙ୍କ ପେଣ୍ଟିଂରେ ଗୋଟିଏ କଥା ନିଶ୍ଚିତ ଭାବରେ ଦେଖିବାକୁ ମିଳେ ଯେ, ଭାରତୀୟ ଚିତ୍ରକଳ୍ପର ବିଶ୍ୱ ରୂପାୟନ। ଆମର ସଂସ୍କୃତି, ଆମର ମାଟି, ପାଣି, ପବନ, ଆମର ଲାବଣ୍ୟମୟୀ ନାରୀ ପ୍ରତିମା, ଆମର ପଶୁପକ୍ଷୀ, ଗଛବୃକ୍ଷ – ଏସବୁରେ ବି ନିହିତ ରହିଛି ଏକ ବିଶ୍ୱ ଚିନ୍ତାଧାରା, ତାହାକୁ ତାଙ୍କର ସମସ୍ତ ପେଣ୍ଟିଂରେ ଦେଖେଇବାକୁ ଚାହିଁଥିଲେ ନନ୍ଦଲାଲ। ଆଉ ସେଥିରେ ସେ ସଫଳ ହୋଇଥିଲେ ମଧ୍ୟ। ନନ୍ଦଲାଲ ବୋଷଙ୍କର ଆଉ ଏକ ବିଶେଷତ୍ୱ ହେଲା ସେ ନିଜସ୍ୱ ଶୈଳୀରେ ପେଣ୍ଟିଂ କରୁଥିଲେ। କାହାରିକୁ ଅନୁକରଣ କରୁ ନ ଥିଲେ। ତାଙ୍କ ପେଣ୍ଟିଂରେ ଥିଲା ଏକ ମୌଳିକ ଭାବବିନ୍ଦୁ। ଆଉ ସେ ସେହି  ମୌଳିକତାକୁ ଆଧାର କରି ସମଗ୍ର ବିଶ୍ୱ ପେଣ୍ଟିଂରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିପାରିଥିଲେ।

**ଟାଗୋର ପରିବାର ଓ ଅଜନ୍ତା :** ଅବନୀନ୍ଦ୍ରନାଥ ଟାଗୋରଙ୍କ ଛାତ୍ର ଥିଲେ ନନ୍ଦଲାଲ ବୋଷ। ଶାନ୍ତି ନିକେତନର କଳାଭବନରେ ମଧ୍ୟ ସେ ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରିଥିଲେ। ଏହା ୧୯୨୨ ମସିହା କଥା। ନନ୍ଦଲାଲ୍ ଅନେକଥର ଏକଥା ସ୍ୱୀକାର କରିଥିଲେ ଯେ, ତାଙ୍କର ଜୀବନ ତଥା ତାଙ୍କ ପ୍ରସିଦ୍ଧି ପାଇବା କ୍ଷେତ୍ରରେ ଟାଗୋର ପରିବାରର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେହିଭଳି ସେ ଅଜନ୍ତା ଗାତ୍ରରେ ଖୋଦିତ ଚିତ୍ରପ୍ରତିମା ସବୁ ତାଙ୍କୁ ବହୁ ଭାବରେ ପ୍ରଭାବିତ କରିଥିଲା। ଫଳରେ ସେ ଜଣେ ଚିତ୍ରକର ହେବାକୁ ମନସ୍ଥ କରିଥିଲେ। ସେତିକି ନୁହେଁ, ନନ୍ଦଲାଲ ପିଲାଟିବେଳୁ ପୁରାଣ, କିମ୍ବଦନ୍ତୀ, ଲୋକକଥା, କାବ୍ୟ, ସାହିତ୍ୟ ପ୍ରତି ଆକୃଷ୍ଟ ହୋଇଥିଲେ। ସେହିଭଳି ଗ୍ରାମୀଣ ଜୀବନ ତଥା ସରଳ ଜୀବନଯାପନ ପଦ୍ଧତି ଥିଲା ତାଙ୍କର ଅତ୍ୟନ୍ତ ପ୍ରିୟ। ସେ ସବୁବେଳେ ଇଚ୍ଛା କରୁଥିଲେ ସାଧାରଣ ମଣିଷ ହୋଇ ରହିବାକୁ ମାତ୍ର ଅସାଧାରଣ କଥା ଚିନ୍ତା କରିବାକୁ। ନନ୍ଦଲାଲଙ୍କ ପେଣ୍ଟିଂ ସବୁକୁ ଦେଖିଲେ ଏସବୁ କଥା ସ୍ପଷ୍ଟ ହୋଇଯାଏ। ଜଣକର ଶୈଶବ କିପରି ଜଣକର ଭବିଷ୍ୟତକୁ ପ୍ରଭାବିତ କରେ ତାହାର ଏକ ଦୃଷ୍ଟାନ୍ତ ହେଉଛନ୍ତି ସ୍ୱୟଂ ନନ୍ଦଲାଲ ବୋଷ।

**ପିଲାବେଳ :** ୧୮୮୨ ମସିହା ଡିସେମ୍ବର ୩ ତାରିଖରେ ବଙ୍ଗଳାର ଏକ ମଧ୍ୟବିତ୍ତ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ନନ୍ଦଲାଲ ବୋଷ। ସ୍ଥାନ ଥିଲା ବିହାର ରାଜ୍ୟର ମୁଙ୍ଗେର ଜିଲା। ବାପା ପୂର୍ଣ୍ଣଚନ୍ଦ୍ର ବୋଷ ଦରଭଙ୍ଗା ଇଷ୍ଟେଟ୍‌ର ଜଣେ କର୍ମଚାରୀ ଥିଲେ। ମା' କ୍ଷେତ୍ରମଣି ଦେବୀ ଥିଲେ ଜଣେ ସୁଗୃହିଣୀ। ଏତଦବ୍ୟତୀତ ତାଙ୍କ କଳା କାରିଗରିରେ ବେଶ ଜ୍ଞାନ ରହିଥିଲା। ସେ ମାଟିରେ ମୂର୍ତ୍ତି ଗଢ଼ି ପାରୁଥିଲେ। ଭଙ୍ଗା ମୂର୍ତ୍ତିକୁ ମରାମତି କରିପାରୁଥିଲେ। ପିଲାଟି ବେଳେ ନନ୍ଦଲାଲଙ୍କୁ ଯେତେ ଖେଳନା କଣ୍ଢେଇ ଆଣି ଦିଆଯାଉଥିଲା ସେ ସେସବୁକୁ ଭାଙ୍ଗି ପକାଉଥିଲେ। ମାତ୍ର ତାଙ୍କ ମା'ସେସବୁକୁ ପୁଣିଥରେ ମରାମତି କରି ନୂଆରୂପ ଦେଇଦେଉଥିଲେ। ମା'ଙ୍କର ଏହି ଗୁଣଟି ଶିଶୁ ନନ୍ଦଲାଲଙ୍କୁ ବହୁମାତ୍ରାରେ ପ୍ରଭାବିତ କରିଥିଲା। ସେ ମଧ୍ୟ ସେଇ ପିଲା ବୟସରେ ମୂର୍ତ୍ତି ଗଢ଼ିବା ଆଉ ଭଙ୍ଗାମୂର୍ତ୍ତିକୁ ମରାମତି କରିବାରେ ପାରଙ୍ଗମ ହୋଇ ଉଠିଥିଲେ।











**ପାଠପଢ଼ା :** କୋଲକାତାର ସେଣ୍ଟ୍ରାଲ୍ କଲିଜିଏଟ୍ ସ୍କୁଲରେ ଅଧ୍ୟୟନ କରିଥିଲେ ନନ୍ଦଲାଲ। ତେବେ ପାଠପଢ଼ା ତୁଳନାରେ ତାଙ୍କର ଆର୍ଟ ପ୍ରତି ଅଧିକ ରୁଚି ରହିଥିଲା। ସେ ସବୁବେଳେ ବାପାମା'ଙ୍କ ନିକଟରେ ଅଳି କରୁଥିଲେ ତାଙ୍କୁ ଆର୍ଟ ସ୍କୁଲରେ ଭର୍ତ୍ତି କରାଇବାକୁ। ଅନେକ ସମୟରେ ଜିଦ୍ ବି କରୁଥିଲେ। ମାତ୍ର ବାପାମା' ଚାହୁଁ ନ ଥିଲେ ଯେ, ତାଙ୍କ ପୁଅ ଜଣେ ଚିତ୍ରକର ହେଉ। ବାଧ୍ୟହୋଇ ପାଠ ପଢ଼ିଲେ ନନ୍ଦଲାଲ। ସେ ଗୋଟିଏ ଗୋଟିଏ ଶ୍ରେଣୀରେ ବାରମ୍ବାର ଅକୃତକାର୍ଯ୍ୟ ହେଉଥିଲେ। ଶେଷରେ ବାପାମା' ଜାଣିଲେ ଯେ, ତାଙ୍କ ପୁଅ କେବଳ ଚିତ୍ର କରିବାକୁ ଜନ୍ମହୋଇଛି। ସେମାନେ ସେମାନଙ୍କ ମନୋଭାବରେ ପରିବର୍ତ୍ତନ ଆଣିଲେ। ଆଉ ତାଙ୍କୁ କୋଲକାତାର ଏକ ଆର୍ଟ ସ୍କୁଲ୍‌ରେ ଆଡମିଶନ କରାଇଦେଲେ। ଖୁବ କମ ବୟସରେ ତାଙ୍କର ବିବାହ ହୋଇ ଯାଇଥିଲା। ସେ ତାଙ୍କ ପରିବାରର ଏକ ଦୂର ସମ୍ପର୍କୀୟଙ୍କ ଝିଅଙ୍କୁ ବିବାହ କରିଥିଲେ। ତାଙ୍କ ପତ୍ନୀଙ୍କ ନାମ ଥିଲା ସୁଧିରାଦେବୀ।

**ପ୍ରଥମ ପ୍ରତିଷ୍ଠା :** ପିଲାବେଳୁ ସେ ଗ୍ରାମୀଣ ସଭ୍ୟତା ସଂସ୍କୃତି ପ୍ରତି ଆକୃଷ୍ଟ ଥିଲେ। ବଡ଼ ହୋଇ ଆର୍ଟ ସ୍କୁଲରେ ପଢ଼ିବା ପରେ ସେସବୁ ତାଙ୍କୁ ଚିତ୍ର କରିବାକୁ ଅନୁପ୍ରେରିତ କରିଥିଲା। ଅଜନ୍ତା ଗୁମ୍ଫାରେ ଅଙ୍କିତ ଚିତ୍ରସବୁ ତାଙ୍କୁ ବହୁମାତ୍ରାରେ ବିହ୍ୱଳିତ କରି ଦେଇଥିଲା। ଆଉ ତାଙ୍କ ଭିତରର ଚିତ୍ରକର ଜଣଙ୍କୁ ପରିପକ୍ୱ କରିଦେଇଥିଲା। ସେ ଏପରି ଭାବରେ ଚିତ୍ରମନସ୍କ ହୋଇଗଲେ ଯେ, ତାଙ୍କୁ ସବୁକିଛି ଲାଗିଲା ଚିତ୍ରମୟ। ୧୯୩୦ ମସିହା କଥା। ସେ ଗାନ୍ଧୀଙ୍କୁ ନେଇ ଲବଣ ସତ୍ୟାଗ୍ରହ ବେଳର ଏକ ଚିତ୍ର ଆଙ୍କିଥିଲେ ; ଯାହା ତାଙ୍କୁ ରାତାରାତ ପ୍ରସିଦ୍ଧ କରିଦେଇଥିଲା। ତାଙ୍କ ଅଙ୍କିତ ଚିତ୍ରଟିକୁ ଅହିଂସା ଆନ୍ଦୋଳନ ସମୟର ଏକ ଆଇକନିକ୍ ଚିତ୍ର ବୋଲି ଆଜି ବି କୁହାଯାଏ। ଏହି ଚିତ୍ର ତାଙ୍କୁ ପ୍ରଥମ ପ୍ରତିଷ୍ଠା ଆଣିଦେଇଥିଲା। ତା'ପରେ ସେ ଆଉ ପଛକୁ ଫେରି ଚାହିଁ ନ ଥିଲେ।









# ଭୋକ

**–ରୀତାଞ୍ଜଳି ମହାରଣା**

ପୋଡୁଥାଏ ଅନ୍ତନାଡ଼ି
ଜଳୁଥାଏ ଜୀବନ

ଉନ୍ମୁକ୍ତ ନୃତ୍ୟରତ
ଅଦୃଶ୍ୟ ନିଆଁ

ଥମିବାର ନାଁ
ମୁଠେ ଦାନା

ଅପେକ୍ଷାରେ ବାଘ
କଳିଜାଥରା ଆଁ।

–ଭଦ୍ରକ



# ହ୍ୱାଟ୍ସଆପ୍

**–ଶଙ୍ଖସିନ୍ଧୁ ପୁରୋହିତ୍**

କଲେଜରେ ଗୋଟିଏ ଶ୍ରେଣୀରେ ପାଠ ପଢୁଥିଲେ ରୋହିତ ଓ ଶ୍ୱେତା। ପ୍ରାକ୍ଟିକାଲ୍ ରେକର୍ଡଠୁ ଆରମ୍ଭ କରି ଟିଟିଂ ଦେଇ ଯିବା, ପ୍ରୋଜେକ୍ଟ ତିଆରି ପର୍ଯ୍ୟନ୍ତ ଦୁହେଁ ଦୁହିଁଙ୍କର ସହାୟତା କରୁଥିଲେ। ଏମିତି ବହୁତ ସମୟ ପାଖାପାଖି ରହୁଥିଲେ ଦୁହେଁ। କେହି କାହାକୁ କିଛି କହୁ ନ ଥିଲେ ସତ କିନ୍ତୁ ଜଣେ ଆର ଜଣକୁ ନ ଦେଖିଲେ ଏକଲାପଣ ଅନୁଭବ କରୁଥିଲେ। ଏମିତି ହୋଇ ସରିଗଲା ପାଠ ପଢା। ବିଦାୟୀ ଉତ୍ସବରେ ରୋହିତ ଯେମିତି ବି ହେଉ ମନର କଥା କହିବ ବୋଲି ଗୋଲାପ ଫୁଲ ଟିଏ ଧରି ଗଲା। ସବୁ ସାଙ୍ଗ ସାଥୀ ଥାଆନ୍ତି , ଶ୍ୱେତା ଡାକିଲା ଆଉ ରୋହିତକୁ ପଚାରିଲା–

ଗୋଲାପଟା କେତେ ସମୟରୁ ଧରିଛ, ମଉଳି ଯିବନି ?

କାହାକୁ ଦେବାକୁ କହି ହସିଦେଲା।

ରୋହିତ କହିଲା ତୁମକୁ ଦେବା ପାଇଁ ଧରିଛି ଯେ, ତୁମେ ନେଲେ ତ। ହଉ ଦିଅ କହି ଶ୍ୱେତା ଥଟ୍ଟା ମଜାରେ ନେଇଗଲା ଗୋଲାପ ଫୁଲଟା ଆଉ ତା'ର ଚୁଟିରେ (ବେଣୀ)ରେ ଖୋସି ଦେଲା। ରୋହିତର ମନର ସ୍ୱପ୍ନ, ହୃଦୟର କଥା ସବୁ ରହିଗଲା ଅକୁହା। ସରିଗଲା ପରୀକ୍ଷା, ଯିଏ ଯାହା ଘରକୁ ପଳାଇଲେ।

ତିନି ବର୍ଷ ପରେ, ରୋହିତର ହ୍ୱାଟ୍ସଆପ୍‌କୁ ଏକ ମେସେଜ୍ ଆସିଲା। –ହାଏ, ମୁଁ ଶ୍ୱେତା କହୁଛି।

ରୋହିତର ମନ ପବନ ଆକାଶେ ଉଡ଼ିଗଲା, ନାଚିପକାଇଲା ଘଡ଼ିଏ, ବୈଶାଖ ମାସରେ ଯେମିତି ଅଦିନିଆ ବର୍ଷା ଦଲକାଏ ଆସିଲେ ତା' ପରଦିନ ସକାଳୁ ଦୂବ ଘାସ ଅଙ୍କୁରିତ ହେଇଯାଏ, ଠିକ୍ ସେମିତି ତା'ର ହୃଦୟର ସେ କଲେଜ ସମୟ ପ୍ରେମ ବି କଅଁଳି ଆସିଲା। ତା'ସହ ବିତେଇ ଥିବା ସେଦିନ ମାନ ନାଚି ଉଠିଲା ରୋହିତର ଆଖି ଆଗରେ। କେତେ କ'ଣ ଭାବି ପକାଇଲା । ମୋର ତ ଏବେ ଚାକିରି ହେଇଗଲାଣି, ମୁଁ ମୋ ଗୋଡ଼େ ଠିଆ ହେଲିଣି, ଶ୍ୱେତା ଆଉ ମନା ବି କରି ପାରିବ ନାହିଁ, କି ତାଙ୍କ ଘରେ ବି ମନା କରିବାର ସେମିତି କିଛି ଆଉ କାରଣ ନାହିଁ। ଯେଉଁ ଗୋଲାପ ଫୁଲକୁ ଦିନେ ମଜାରେ ନେଇ ମୁଣ୍ଡରେ ଖୋସି ଥିଲା, ସେ ଗୋଲାପର ଶେଯରେ ଶ୍ୱେତାକୁ ଶୁଆଇବ ଓଃ...ଏମିତି ଅନେକ କିଛି।

ରୋହିତ ଭାବନା ରାଜ୍ୟରେ ହଜିଗଲା ଏତିକି ବେଳେ ରୋହିତର ମୋବାଇଲ ରିଙ୍ଗ ହେଲା। ହଠାତ୍ ରୋହିତ ଚମକି ପଡି ମୋବାଇଲ ଧରିଲା। ଶ୍ୱେତା ଭିଡିଓ କଲିଂ କରିଥିଲା। ରୋହିତ ହଠାତ୍ ରିସିଭ୍ କଲା ନାହିଁ। ସେ ଖୁସିର ପୂର୍ବ ସମୟକୁ ଆଉ ଟିକେ ଉପଭୋଗ କରିବାକୁ ଚାହୁଁଥିଲା। କ୍ରିମ୍ ଟିକେ ମୁହଁରେ ଲଗାଇ ଦେଲା, ମୁଣ୍ଡର ଚୁଟିକୁ ଉପରକୁ କୁଣ୍ଡେଇଦେଲା, ଦାଢିକୁ ଠିକ୍ ଭାବେ ସାଇଜ କରିଦେଲା, ଭଲ ଟି –ଶାର୍ଟଟେ ପିନ୍ଧିଦେଲା। ଏତିକି ବେଳକୁ ୭ଟି ମିସ୍‌ଡ କଲ୍ ଶ୍ୱେତାର।

ଆଉ ରହି ହେଲା ନାହିଁ, ରୋହିତ ସଙ୍ଗେ ସଙ୍ଗେ ଭିଡିଓ କଲିଂ କଲା ତା' ପଟୁ। ଶ୍ୱେତା ଉଠାଇଲା।

–ହାଏ ରୋହିତ, କେମିତି ଅଛ ?

–ହଁ ଠିକ୍ ଆଉ ତୁମେ ?

–ୱେଟ୍ ତୁମକୁ ଗୋଟେ ସରପ୍ରାଇଜ୍ ଦେବି।

ତା' ପାଖରେ ଥିବା ପିଲାର କାନ୍ଧରେ ହାତ ଦେଇ କହିଲା, ମୁଁ ୟାଙ୍କୁ ବାହା ହେବି, ଫେବୃୟାରୀରେ ମ୍ୟାରେଜ୍ ଅଛି। ଆସିବ ଯେମିତି ହେଲେ। କହିଲ ମୋ ଚଏସ୍‌ଟା କେମିତି ? ରୋହିତ ଶୁଣୁଛ, ମୁଁ କହିଥିଲି ନା ତୁମକୁ, ଯାହା ବି ନିଷ୍ପତ୍ତି ନେବି ତୁମକୁ ପ୍ରଥମେ ଜଣାଇବି। ଏଇ ଦେଖିଲ ମୋ କଥା ମୁଁ ରଖିଲି, ତୁମେ ପୂରା ଭୁଲି ଯାଉଛ, ଏମିତି କେତେ କ'ଣ ଗପିଗଲା ଶ୍ୱେତା।

ରୋହିତର ପାଦ ତଳୁ ମାଟି ଖସିଗଲା, ମୋବାଇଲ୍‌ଟା ଥୋଇଦେଲା ଟେବୁଲ୍ ଉପରେ, ଥମ ହୋଇ ଘଡ଼ିଏ ବସିଗଲା ଚେୟାରରେ, ଜୋର ସେ କାନ୍ଦିବାକୁ ମନ କରୁଥାଏ ହେଲେ କାନ୍ଦି ପାରୁ ନ ଥାଏ। ନ ଚାହିଁଲେ ବି ଲୁହ ଦୁଇଟୋପା ଆସି ମୋବାଇଲରେ ପଡିଗଲା, ଆଉ ସ୍କ୍ରିନ୍‌ର ଭିଡିଓ କଲିଂରେ ଅସ୍ପଷ୍ଟ ହୋଇଗଲା ଶ୍ୱେତା ମୁହଁ।

– ବଡାଲି, ଉଲୁଣ୍ଡା, ସୁବର୍ଣ୍ଣପୁର

# କବିତା ଲେଖୁଥିବା ଝିଅ

**–ମନୋରମା ହାତୀ**

କବିତା ଲେଖୁଥିବା
ସେଇ ଝିଅକୁ ଥରେ ପଚାର
ସେ କେମିତି
ଦ୍ୱିପ୍ରହର ଖରାରେ ଭିଜେ
ରାତି ଜୋଛନାରେ
ହୁତୁହୁତୁ ହୋଇ ଜଳେ
ଶ୍ରାବଣର ଝଡ଼ି ବର୍ଷାରେ ସିଝେ

କାକରକୁ କେମିତି
କାଳି ପରି ସଜାଏ
ଲୁହକୁ ଶବ୍ଦର ରୂପ ଦିଏ
ରକ୍ତରେ କବିତା ଉତାରେ

ଯନ୍ତ୍ରଣାକୁ କେମିତି
ଥଣ୍ଡା ପାନୀୟ ପରି ପିଇ ହୁଏ
ଆଘାତକୁ ଫୁଲର ସ୍ପର୍ଶ ପରି ସହି ହୁଏ
ହତାଦରକୁ ଆଦରି ହୁଏ

କବିତା ଲେଖୁଥିବା
ସେଇ ଝିଅକୁ ଥରେ ପଚାର
ପ୍ରତାରଣାକୁ କେମିତି ନିଜର କରି ହୁଏ
ପ୍ରିୟତମକୁ ବି ସହଜେ ଭୁଲି ହୁଏ
ତା'ର ସାଇତା ସବୁ ସ୍ମୃତିକୁ
ଭଙ୍ଗା କାଠ ଆଲମାରିରେ ସାଇତି
ଆଉ ଏକ ପୃଥିବୀ ନିଜ ପାଇଁ ଗଢ଼ି ହୁଏ।

–କନ୍ହେଇପୁର, କଟକ



# ମାନୁ ନାହାନ୍ତି ରକୁଲ

ରକୁଲ ପ୍ରୀତ୍ ସିଂଙ୍କୁ ବୁଲେଇ ବଙ୍କେଇ ଯେତେ ପଚାରିଲେ କ'ଣ ହେବ ଗୋଟିଏ ଉତ୍ତର– 'ନା' । ଏଥିପାଇଁ ତାଙ୍କ ନିକଟରେ ଏବେ ସମୟ ନାହିଁ । ବର୍ତ୍ତମାନ କେବଳ ଗୋଟିଏ କଥାକୁ ନେଇ ସେ ପ୍ଲାନିଂ କରୁଛନ୍ତି, ତାହା ହେଲା ଅଭିନୟ । ଆଉ ଏହି ସମୟରେ କାହାକୁ ପ୍ରେମ କରିବା ଚକ୍କରରେ ସେ ନାହାନ୍ତି । ଏ ବିଷୟରେ ସଫେଇ ଦେଇ ରକୁଲ କହନ୍ତି, 'ମୋ ନାମ ସହ ଅନେକଙ୍କ ନାମକୁ ଯୋଡ଼ା ଯାଉଛି । ହେଲେ ତା' ପଛରେ ଆଦୌ ସତ୍ୟତା ନାହିଁ । ମୁଁ ଏବେ କେବଳ ଆକ୍ଟିଂ ଉପରେ ଅଧିକ ଫୋକସ କରୁଛି । ମୁଁ ପ୍ରେମରେ ମାତିଛି ବୋଲି ଯାହା ଆଲୋଚନା ହେଉଛି ତାହା ମୋତେ ଚକିତ କରିଛି ।' ଶୁଣିବାକୁ ମିଳୁଛି ଯେ ରାଣା ଦଗୁବତୀଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ରହିଛି । ହେଲେ 'ରାଣା ମୋ ପଡ଼ୋଶୀ' କହି ଏଭଳି ପ୍ରସଙ୍ଗକୁ ଏଡାଇ ଦେଇଛନ୍ତି ରକୁଲ୍ ।



# ଅଡୁଆ କରିଛି ଆଇଟମ୍

ତାରା ସୁଟାରିଆ ଏବେ ଟେନସନରେ । ଏମିତିକା ଅଫରଟିଏ ମିଳିଲା ଯେ ସେ ବିଷୟରେ ଭାବି ଭାବି ଟେନସନ ବଢ଼ିଯାଉଛି । ଅବଶ୍ୟ ଟାଇଟଲ ଫାଇନାଲ ହୋଇ ନ ଥିବା ଏହି ଫିଲ୍ମରେ ତାରା ଫିମେଲ ଲିଡ୍‌ରେ ଅଭିନୟ କରିବେ । ହେଲେ ଗୋଟିଏ କଥା ତାଙ୍କ ପାଇଁ ଅଡୁଆ ସାଜିଛି । ଏଥିରେ ଏକ ଆଇଟମ ନମ୍ବରରେ ତାଙ୍କୁ ନାଚିବାକୁ ପଡ଼ିବ । ଅବଶ୍ୟ ଯେତେବେଳେ କାହାଣୀ ବିଷୟରେ ତାଙ୍କ ସହ ଆଲୋଚନା ହୋଇଥିଲା ସେତେବେଳେ ଏହି କଥା ଉଠି ନ ଥିଲା । କିନ୍ତୁ ପରେ ଏହି ଫିଲ୍ମରେ ଏକ ଆଇଟମ ଗୀତକୁ ଯୋଡା ଯାଇଛି, ଯେଉଁଥିଲେ ତାରାଙ୍କୁ ହିଁ ନାଚିବାକୁ ପଡ଼ିବ । ଆଉ ଏକଥା ଶୁଣିବା ପରେ ତାରା କି ନିଷ୍ପତ୍ତି ନେବେ ଜାଣିପାରୁନାହାନ୍ତି । ତେବେ ଏ ନେଇ ସେ ପ୍ରଯୋଜକଙ୍କୁ ଦୁଇ ସପ୍ତାହ ସମୟ ମାଗିଛନ୍ତି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି ।


ତାରା

# ଆକ୍ସନ ଗୁରୁ

ଶ୍ରଦ୍ଧା କପୁର ଯାହା ଖୋଜୁଥିଲେ ତାହା ତାଙ୍କୁ ମିଳିଯାଇଛି । ପୁଣି ଏମିତି ଯେ ମିଳିଯିବ ତାହା ବିଶ୍ୱାସ କରିପାରୁନାହାନ୍ତି । କଥା କ'ଣ କି ଆକ୍ସନ ସିକୁଏନ୍ସକୁ କିପରି ହ୍ୟାଣ୍ଡେଲ କରିବାକୁ ପଡ଼ିବ ସେନେଇ ଥରେ ସେ କୋ-ଆର୍ଟିଷ୍ଟ ଟାଇଗର ଶ୍ରଫଙ୍କ ସହ ଆଲୋଚନା କରୁଥିଲେ । ହେଲେ ସେ ଜାଣି ନ ଥିଲେ ଯେ ଯେଉଁ ଆକ୍ସନ ଗୁରୁଟିଏ ସେ ଖୋଜୁଛନ୍ତି ସେ ତାଙ୍କ ସାମନାରେ ବସିଛନ୍ତି । ଅର୍ଥାତ୍, ଏ ନେଇ ଟାଇଗରଙ୍କ ଟିପ୍ସ ଶ୍ରଦ୍ଧାଙ୍କୁ ବେଶ୍ ପ୍ରଭାବିତ କରିଥିଲା । ବାସ୍, ତା'ପରେ ତାଙ୍କ ପଛରେ ଛାଇ ପରି ଲାଗି ରହିଥିଲେ ଶ୍ରଦ୍ଧା । ସେପଟେ ଟାଇଗର କୋଉ ଛାଡ଼ିବାର । ଆକ୍ସନକୁ ନେଇ ଶ୍ରଦ୍ଧାଙ୍କ ମନରେ ଯେଉଁ ପ୍ରଶ୍ନଗୁଚ୍ଛ ରହିଛି ତାହାର ଗୋଟିଏ ପରେ ଗୋଟିଏ ସମାଧାନ କରିଚାଲିଛନ୍ତି । ଏକଥା ତ ଅନେକେ ଜାଣିଥିବେ ଯେ, ଟାଇଗର-ଶ୍ରଦ୍ଧାଙ୍କୁ ନେଇ ନିର୍ମିତ ହେଉଛି 'ବାଗୀ-୩' । ଏହି ଯୋଡି ବ୍ୟତୀତ ରିତେଶ ଦେଶମୁଖ, ଅଙ୍କିତା ଲୋଖାଣ୍ଡେ ଏବଂ ବିଜୟ ଶର୍ମା ମଧ୍ୟ ଏଥିରେ ଦେଖିବାକୁ ମିଳିବେ । ଫିଲ୍ମଟି ଆସନ୍ତା ବର୍ଷ ମାର୍ଚ୍ଚ ୬ରେ ରିଲିଜ ହେବ ।


ଟାଇଗର

# ଦୋଛକିରେ ଅସିତ

ଅସିତ ଏବେ ଦୋଛକିରେ ପଡ଼ିଯାଇଛନ୍ତି । କାହାକୁ ମନର ମାନସୀ ଭାବରେ ବାଛିବେ । କଥାଟି ଏମିତି ହୋଇଛି ଯେ, ଏଣୁ ମାରିଲେ ଗୋ ହତ୍ୟା ତେଣୁ ମାରିଲେ ବ୍ରହ୍ମହତ୍ୟା । ତେଣୁ ଏଭଳି ସମୟରେ କି ନିଷ୍ପତ୍ତି ନେବେ ସେ ଜାଣିପାରୁନାହାନ୍ତି । ତେବେ ତାଙ୍କର ପ୍ରେମର ମିଶନ କିପରି ଶେଷ ହେଉଛି ଆଉ ଦୁଇ ଜଣ ରୂପସୀଙ୍କ ମଧ୍ୟରୁ କାହାକୁ ସେ ଆପଣେଇ ନେଉଛନ୍ତି ତାହା ସିନେମା ଦେଖିଲେ ହିଁ ଜାଣିପାରିବେ । ହଁ, ଏପରି ଏକ ସସପେନ୍ସ ଥ୍ରୀଲର କାହାଣୀ ରଚନା କରିଛନ୍ତି ବିଜୟଲକ୍ଷ୍ମୀ ପଣ୍ଡା, ଯାହାକୁ ଆଧାର କରି ନିର୍ମିତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'କିଏ ହେବ ମୋ ହିରୋଇନ୍' । ଏକସେଲ ମୁଭିଜ ବ୍ୟାନରରେ ଏହା ହେଉଛି ଅଷ୍ଟମ ଚଳଚ୍ଚିତ୍ର । ଚିତ୍ରଟିର ପ୍ରଯୋଜନା ରବୀନ୍ଦ୍ର ପଣ୍ଡା କରୁଥିବା ବେଳେ ନିର୍ଦ୍ଦେଶନା ଦେବେ ନବାଗତ ପ୍ରଶାନ୍ତ ଲେଙ୍କା । ଡ. ରଜନୀ ରଞ୍ଜନ ସଂଳାପ ରଚନା କରିଛନ୍ତି ଏବଂ ଗୀତଗୁଡ଼ିକୁ ସ୍ୱର ଦେଉଛନ୍ତି ଅଗ୍ନିରାଜ କିଶୋର । କୋରିଓଗ୍ରାଫି ଦାୟିତ୍ୱ ତୁଲାଇବେ ଲୁବୁନ-ଟୁବୁନ୍ । 'ଭୈରବ' ଏବଂ 'ନାୟକର ନାଁ ଦେବଦାସ' ପରେ ଅସିତଙ୍କର ଏହା ହେଉଛି ତୃତୀୟ ଚଳଚ୍ଚିତ୍ର । ଅନ୍ୟପକ୍ଷରେ ତାଙ୍କ ଅପୋଜିଟ୍‌ରେ ନାୟିକା ଭାବରେ ଡେବ୍ୟୁ କରିବାକୁ ଯାଉଛନ୍ତି ସୋନମ୍ । ଚଳଚ୍ଚିତ୍ରର ଅନ୍ୟତମ ଫିମେଲ ଲିଡ୍‌ରେ ଅଛନ୍ତି 'ଚାଲ୍ ଟିକେ ଦୁଷ୍ଟ ହେବା' ଏବଂ 'ଲଭ୍ ୟୁ ପ୍ରିୟା'ର ନାୟିକା ମହିମା । ଏମାନଙ୍କ ବ୍ୟତୀତ ଶ୍ରୀତମ ଦାସ, ପିଣ୍ଟୁ ନନ୍ଦ, କେକେ, ବିଦୁସ୍ମିତା, ପୁଷ୍ପା ପଣ୍ଡା, ଦୀପାଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ । 'ଏହାର କାହାଣୀ ଭିନ୍ନ ଧରଣର । ଏଥିରେ ବିଶେଷ ଭାବରେ କିନ୍ନରମାନଙ୍କୁ ଅଧିକ ଗୁରୁତ୍ୱ ଦିଆଯାଇଛି ବୋଲି କହନ୍ତି ପ୍ରଯୋଜକ ରବୀନ୍ଦ୍ର ।'

ମହିମା-ସୋନମ-ଅସିତ୍


# ଘାରିଛି ପ୍ରେମ ନିଶା



ଅନନ୍ୟା

ନବାଗତା ଅନନ୍ୟା ପାଣ୍ଡେଙ୍କୁ ଏବେ ପ୍ରେମ ନିଶା ଘାରିଛି । ପୁଣି ଯୁଆଡେ ଗଲେ ଏ ସମ୍ପର୍କରେ ସେ ନିଜେ ବଖାଣି ବସୁଛନ୍ତି । କଥା କ'ଣ କି ଏହି ପ୍ରେମ ନିଶାର ସମ୍ପର୍କ କାହାଣୀ ସହ ରହିଛି । ଅର୍ଥାତ୍, ମାତ୍ର ଦୁଇଟି ସିନେମାରେ ଅଭିନୟ କରିଥିବା ଏହି ଷ୍ଟାର୍ କିଡ୍ ପ୍ରେମ ଉପରେ ପର୍ଯ୍ୟବସିତ କାହାଣୀକୁ ଅଧିକ ଗୁରୁତ୍ୱ ଦେଉଛନ୍ତି । ଏ ସମ୍ପର୍କରେ ଅନନ୍ୟା କହନ୍ତି, 'ମୋର ପ୍ରଥମ ଫିଲ୍ମ 'ଷ୍ଟୁଡେଣ୍ଟ ଅଫ ଦ ଇୟର-୨'ର କାହାଣୀ ଥିଲା ପ୍ରେମଭିତ୍ତିକ । କେବଳ ସେତିକି ନୁହେଁ କାହାଣୀଟି ମୋତେ ବେଶ୍ ପ୍ରଭାବିତ କରିଥିଲା । ଅନ୍ୟପକ୍ଷରେ ମୋ ଦ୍ୱିତୀୟ ଫିଲ୍ମ 'ପତି ପତ୍ନୀ ଔର ୱ'ର କାହାଣୀରେ ରହିଛି ସ୍ପେଶାଲ ଚାର୍ମ । ଏପରି ରୋମାଣ୍ଟିକ ଥ୍ରୀଲରରେ ଅଭିନୟ କରିବାର ମଜା ଅଲଗା । ମୋଟ ଉପରେ କହିବାକୁ ଗଲେ ଆଗକୁ ଏପରି କାହାଣୀଭିତ୍ତିକ ଫିଲ୍ମରେ ଅଭିନୟ କରିବାକୁ ଅଫର ମିଳିଲେ ମନା କରିବି ନାହିଁ । 'ପତି ପତ୍ନୀ ଔର ୱ'ରେ ଅନନ୍ୟାଙ୍କ ଅପୋଜିଟ୍‌ରେ ଅଛନ୍ତି କାର୍ତ୍ତିକ ଆର୍ଯ୍ୟନ । ଭୂମି ପଡ୍ନେକର ମଧ୍ୟ ଏଥିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି । ୧୯୭୮ରେ ବି.ଆର.ଚୋପ୍ରାଙ୍କ ପ୍ରଯୋଜିତ 'ପତି ପତ୍ନୀ ଔର ୱ'ର ଏହା ହେଉଛି ରିମେକ୍,ଯାହାର ନିର୍ଦ୍ଦେଶନା ଦେଉଛନ୍ତି ମୁଦ୍ଦାଶର ଅଜିଜ । ଏହି ଫିଲ୍ମଟି ଡିସେମ୍ବର ୬ରେ ରିଲିଜ ହେବାର ଯୋଜନା ରହିଛି ।

## ଇରାଙ୍କ କାହାଣୀ ମିଶନ

ଆମୀର ଖାନଙ୍କ ଝିଅ ଇରା ଖୁବ୍ ଶୀଘ୍ର ହଟ୍ ସିଟ୍‌ରେ ବସିବାକୁ ଯାଉଛନ୍ତି । ଅର୍ଥାତ୍, ବଲିଉଡ୍‌ରେ ସେ ଜଣେ ନିର୍ଦ୍ଦେଶିକା ଭାବରେ କ୍ୟାରିୟର ଆରମ୍ଭ କରିବେ । ହେଲେ ତାଙ୍କ ଡେବ୍ୟୁ ଫିଲ୍ମରେ କିଏ ନାୟକ ହେବ ତାହା ସେ ଖୋଜି ପାଇ ସାରିଲେଣି । ସେହି ଅଭିନେତା ଜଣକ ଆଉ କେହି ନୁହନ୍ତି, ଖୋଦ୍ ଆମୀର ଏହାର ମେଲ୍ ଲିଡ୍‌ରେ ଅଭିନୟ କରିବେ । ଏ ନେଇ ଆମୀର ପରୋକ୍ଷରେ ସବୁଜ ସଙ୍କେତ ଦେଇସାରିଲେଣି । ସେପଟେ ଇରା ଏହି ଫିଲ୍ମର ପ୍ରାରମ୍ଭିକ କାମ ଆରମ୍ଭ କରିବାକୁ ଯୋଜନା ପ୍ରସ୍ତୁତ କରୁଛନ୍ତି । ସେଥିପାଇଁ ପ୍ରଥମେ ସେ ଏକ ଦମଦାର କାହାଣୀ ଖୋଜିବାରେ ବ୍ୟସ୍ତ ଅଛନ୍ତି । ତେବେ ଆମୀରଙ୍କ ପାଇଁ ସେ କିପରି କାହାଣୀଟିଏ ଚୟନ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା ।

ପ୍ରଥମ ରୋଜଗାର



# ପ୍ରଥମ ପାରିଶ୍ରମିକ ଟଙ୍କା ବାପାଙ୍କୁ ଦେଇଥିଲି

ଅଭିନେତ୍ରୀ ପ୍ରିୟଙ୍କା ମହାପାତ୍ର ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

କଟକରେ ମୋର ଜନ୍ମ ଓ ପାଠପଢ଼ା। ଆମେ ଛଅ ଭାଇଭଉଣୀ (୫ ଭଉଣୀ ଓ ଗୋଟେ ଭାଇ) ମଧ୍ୟରୁ ମୁଁ ସବା ସାନ। ୫ମରେ ପଢ଼ିବା ସମୟରେ ଆକାଶବାଣୀର 'ଶିଶୁ ସଂସାର' କାର୍ଯ୍ୟକ୍ରମରେ ଗୀତ ଗାଉଥିଲି। ପରେ 'ଯୁବବାଣୀ'ରେ ବି ଅଡିଶନ୍ ଦେଇ ସେଥିରେ ଗୀତ ଗାଇଲି। ବୟସ କମ୍ ଥିବାରୁ ଏଥିପାଇଁ ଯାହା ବି ପାରିଶ୍ରମିକ ମିଳୁଥିଲା ତାହା ବାପାଙ୍କ ନାଁରେ ଚେକ୍‌ରେ ଆସୁଥିଲା। ବାପା ସେ ସବୁ ଟଙ୍କାକୁ ମୋ ପାଇଁ ସଞ୍ଚୟ କରି ରଖୁଥିଲେ। ବେଶ୍ କିଛିଦିନ ଏମିତି ଚାଲିବା ପରେ ମାଟ୍ରିକ୍ ପରୀକ୍ଷା ପାଖେଇ ଆସିଲା। ପାଠପଢ଼ାର ପ୍ରେସର୍ ବଢ଼ିବାରୁ ଆଉ ଗୀତ ପ୍ରତି ଧ୍ୟାନ ଦେଇ ପାରିଲି ନାହିଁ। ଧୀରେ ଧୀରେ ଗୀତ ବୋଲିବା ମୋର ପୂରା ବନ୍ଦ ହୋଇଗଲା। କମଳାକାନ୍ତ ବିଦ୍ୟାପୀଠରୁ ୧୯୮୮ରେ ମାଟ୍ରିକ୍ ପାସ୍ କରିବା ପରେ ରେଭେନ୍ସାରେ ଯୁକ୍ତ ୨ ଓ ଜେକେବିକେ କଲେଜରେ ଓଡ଼ିଆ ସମ୍ମାନ ରଖି ଯୁକ୍ତ ୩ ପଢ଼ିଲି। ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ରୀ ଥିବାବେଳେ 'ପଥର ଖସୁଛି ବଡ଼ ଦେଉଳୁ' ଚଳଚ୍ଚିତ୍ରରେ ଅଭିନୟ କରିବାର ସୁଯୋଗ ମୋତେ ମିଳିଲା। ଯେହେତୁ କଲେଜ ଡ୍ରାମାରେ ଅଭିନୟ କରୁଥିଲି ତେଣୁ ବଡ଼ ପରଦାରେ ଅଭିନୟର ସୁଯୋଗ ପାଇବାରୁ ମୁଁ ବହୁତ ଖୁସି ହୋଇଗଲି। ହେଲେ ବାପା ଏକଥା ଜାଣିବା ପରେ କହିଲେ- 'ତୋ ଖୁସି ପାଇଁ ମୁଁ କେବଳ ଏଇ ଗୋଟିଏ ଚଳଚ୍ଚିତ୍ରରେ ଅଭିନୟ କରିବାକୁ ତୋତେ ଅନୁମତି ଦେଉଛି, ତା'ପରେ ଆଉ କରିବୁନି'। କିନ୍ତୁ ଉକ୍ତ ଚଳଚ୍ଚିତ୍ରରେ ମୋର ଅଭିନୟକୁ ଦର୍ଶକ ଏତେ ପ୍ରଶଂସା କଲେ ଯେ, ମୋ ପାଖକୁ ଅନେକ ଅଫର୍ ଆସିଲା। ଘରେ ସମସ୍ତେ ବାପାଙ୍କୁ ବହୁତ ବୁଝାଇବା ପରେ ବାପା ମୋତେ ପୁଣି ଅଭିନୟ କରିବାକୁ ଛାଡିଥିଲେ। ବାସ୍ ସେବେଠୁ ମୁଁ ଆଉ ପଛକୁ ଫେରି ଚାହିଁନି। ତେବେ ପ୍ରଥମ ଚଳଚ୍ଚିତ୍ରରୁ ଯେଉଁ ପାରିଶ୍ରମିକ ପାଇଥିଲି ତାକୁ ନେଇ ବାପାଙ୍କ ହାତରେ ଦେଇ କହିଥିଲି ସମସ୍ତଙ୍କ ପାଇଁ କିଛି ନା କିଛି ଗିଫ୍ଟ କିଣିବାକୁ। ହେଲେ ବାପା ସେ ଟଙ୍କାରେ କାହା ପାଇଁ କିଛି ନ ଆଣି ମୋ ପାଇଁ ଗୋଟେ ହାତଘଣ୍ଟା କିଣି ଆଣି କହିଲେ- 'ଏହି ଘଣ୍ଟାଟିକୁ ପାଖରେ ରଖ, ଯାକୁ ଦେଖିକି ତୁ ସମୟର ମୂଲ୍ୟ ବୁଝିପାରିବୁ'। ତାଙ୍କ କଥା ମାନି ମୁଁ ଆଜିଯାଏ ସମୟର ସଦୁପଯୋଗ କରିଆସିଛି ଆଉ ଅଭିନୟ କ୍ଷେତ୍ରରେ ଗୋଟେ ପରେ ଗୋଟେ ପାହାଚ ଚଢ଼ି ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ପୁଅ ମୋର ଭୋଳା ଶଙ୍କର, ନୀଳ ମାଷ୍ଟରାଣୀ, ସୌଭାଗ୍ୟବତୀ, ଛାତି ଚିରିଦେଲେ ତୁ, କେହି ନୁହେଁ କାହାର ଭଳି ପାଖାପାଖି ୬୦ଟି ଓଡ଼ିଆ ଚଳଚ୍ଚିତ୍ରରେ ଅଭିନୟ କରିବା ସହ ଦୂରଦର୍ଶନ ତରଫରୁ ପ୍ରାୟ ୧୦ଟି ଧାରାବାହିକ ତଥା ଅନ୍ୟାନ୍ୟ ଘରୋଇ ଚ୍ୟାନେଲ୍ ତରଫରୁ ବି ଏକାଧିକ ଧାରାବାହିକରେ ମୁଁ ଅଭିନୟ କରିସାରିଛି। ଏପରିକି 'କେହି ନୁହେଁ କାହାର' ଚଳଚ୍ଚିତ୍ର ପାଇଁ ମୋତେ ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ ଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ବି ମିଳିସାରିଛି। ହେଲେ ଏତେ ସବୁ ଖୁସି ଭିତରେ ମୋର ଗୋଟେ ଦୁଃଖ ରହିଯାଇଛି। ମୋ ଜୀବନ ଚଲାପଥର ଆଦର୍ଶ ସାଜିଥିବା ମୋ ବାପାଙ୍କୁ ମୁଁ ହରାଇ ସାରିଛି। ଆଉ ତାଙ୍କର ସେହି ସ୍ମୃତି ସବୁକୁ ମୁଁ ଏବେ ବି ଝୁରି ହେଉଛି।

*-ଅନ୍ୱିତା*

# ଲାଜୁଆ ହସକୁ ତେରେଛା ଚାହାଣି, ତହିଁରେ ରହିଛି ପ୍ରେମ କାହାଣୀ




**ପ୍ରଶ୍ନ**-ସେହି ସୁନ୍ଦରୀର ଲାଜୁଆ ହସ ଆଉ ତେରେଛା ଚାହାଣିରେ ମୁଁ ପାଗଳ। ହେଲେ ସେଥିରେ ପ୍ରେମର ଇସାରା ରହିଛି କି ନାହିଁ କେମିତି ଜାଣିବି ?

*-ତନ୍ମୟ ପ୍ରଧାନ, ବାଲେଶ୍ୱର*

**ଉତ୍ତର:** ସମଝଦାର ଆଦ୍‌ମୀ କୋ ଇସାରା କାଫି ହେ। ସେହି ଲାଜୁଆ ହସ ଆଉ ତେରେଛା ଚାହାଣିରେ ସବୁ କିଛି ରହିଛି। କେବଳ ମଗଜ ଖଟାଇ ପଢ଼ି ପାରିଲେ ହେଲା। 'ଲାଜୁଆ ହସକୁ ତେରେଛା ଚାହାଣି, ତହିଁରେ ରହିଛି ପ୍ରେମ କାହାଣୀ।' ବାସ୍, ବୁଦ୍ଧି ଖଟାଇ ସେହି ସୁନ୍ଦରୀର ମନର ଭାଷାକୁ ପଢ଼ି ନିଅନ୍ତୁ। ଯଦି ସେଥିରେ ପ୍ରେମର ବାସ୍ନା ଆସିଲା ତେବେ ଡେରି ନ କରି ଆଗେଇ ଯାଆନ୍ତୁ।

**ପ୍ରଶ୍ନ**-ବର୍ଷା ରାତିର ସେହି ରଙ୍ଗିନ ସ୍ୱପ୍ନ ମୋତେ ମତୁଆଲା କରିଦେଇଛି। ସେଦିନ ସ୍ୱପ୍ନରେ ଜଣେ ସୁନ୍ଦରୀ ଆସି ମୋତେ 'ଆଇ ଲଭ ୟୁ' କହିଲା। ଆଉ ତା'ପରେ ମୁଁ ୩-୪ ଜଣଙ୍କୁ ସୁବିଧା ଦେଖି ମନର କଥା କହିଲି। ହେଲେ କେହି ଜଣେ ମୋ କଥାର ଉତ୍ତର ଦେଲେ ନାହିଁ। କ'ଣ କରିବି ?

*-ସଞ୍ଜୟ ସାହୁ, ସୁନାବେଡ଼ା*

**ଉତ୍ତର:** ସେହି ରଙ୍ଗିନ ସ୍ୱପ୍ନକୁ ଆଧାର କରି ଆପଣଙ୍କ ମନରେ ପ୍ରେମର ମିନାର ନିଜେ ତୋଳି ସାରିଛନ୍ତି। ବାସ୍, ପ୍ରେମିକାଟିଏ ମିଳିଗଲେ ସୋନେ ପେ ସୁହାଗା। ହେଲେ ପ୍ରେମିକା ମିଶନରେ ଯେ ସବୁ ଆଟେମ୍ପ୍ଟ ସଫଳ ହେବ ତାହା ଭାବିବା ବୃଥା। କାରଣ ଜଣେ ଝିଅର ମନକୁ ପଢ଼ିବା ଏତେ ସହଜ କଥା ନୁହେଁ। ତେଣୁ ଧୈର୍ଯ୍ୟ ଏବଂ ସାହସର ସହ ଆଗାନ୍ତୁ। ଯଦି କେବେ ଫେଲ୍ୟୁଅର ହେଲେ ଭାଙ୍ଗି ନ ପଡ଼ି ଚେଷ୍ଟା ଜାରି ରଖନ୍ତୁ। ଦେଖିବେ ଦିନେ ନା ଦିନେ ଆପଣଙ୍କ ସ୍ୱପ୍ନ ସୁନ୍ଦରୀ ଆପଣଙ୍କୁ ମିଳିଯିବ।

**ପ୍ରଶ୍ନ**-ପ୍ରେମ ରାସ୍ତା ସବୁବେଳେ କଣ୍ଟକିତ କାହିଁକି ?

*-ସଦାଶିବ, କେନ୍ଦ୍ରାପଡ଼ା*

**ଉତ୍ତର:** ପ୍ରେମରେ ଘଡ଼ିକି ଘଡ଼ି ଆପଣ କେତେ ଫିଟ୍ ଅଛନ୍ତି ତାହାର ଟେଷ୍ଟ ଦେବାକୁ ପଡ଼େ। କେତେକେ ପ୍ରେମ ନିଶାରେ ଆନମନା ହୋଇ ବାଟ ଭୁଲି ଯାଆନ୍ତି। ଆଉ ସେତେବେଳେ ପ୍ରେମର ଗଣିତ ଅଡୁଆ ତଡୁଆ ହୋଇଯାଏ। ଆପଣଙ୍କ ପ୍ରେମରେ ଯଦି ଆବିଲତା ନାହିଁ ଓ ତାହା ନିର୍ମଳ ତେବେ ଆଉ ଚିନ୍ତା କରିବା ଦରକାର ନାହିଁ। ପ୍ରେମରେ ମାନସିକତା ସକାରାତ୍ମକ ରହିଲେ ପ୍ରେମର ରାସ୍ତା ମୁଲାୟମ ଲାଗିଥାଏ।

**ପ୍ରଶ୍ନ**-ମୋ ମନକୁ ଯେତେ ବୁଝାଇଲେ ତାହା ବୁଝୁନି। ପ୍ରେମରେ ଅନେକ ଥର ଧୋକା ଖାଇବା ପରେ ମଧ୍ୟ ମନ ପୁଣି ଥରେ ପ୍ରେମ କରିବାକୁ ଇଚ୍ଛା କରୁଛି। କ'ଣ କରିବି ?

*-ଜିତେନ୍ଦ୍ର ପ୍ରତିହାରୀ, ପୁରୀ*

**ଉତ୍ତର:** ମନ ଏପରି ଏକ ଜିନିଷ ଯାହାକୁ ବାନ୍ଧି ରଖିବା ସହଜ ନୁହେଁ। ଅନେକ ଥର ଧୋକା ଖାଇବା ପରେ ମଧ୍ୟ ପୁଣି ଥରେ ପ୍ରେମ କରିବାକୁ ମନ ହେଉଛି। କିନ୍ତୁ ଏଥିରେ ସଫଳ ହେବାକୁ ପ୍ରଥମେ ପ୍ରେମକୁ ନେଇ ନିଜ ମନରେ ଥିବା 'କିନ୍ତୁ, ଯଦି' ପରି ଭାଇରସକୁ ଦୂର କରନ୍ତୁ। କାରଣ ଏଗୁଡ଼ିକ ଯେତେଦିନ ମନରେ ବସା ବାନ୍ଧି ରହିବ ସେତେଦିନ ପର୍ଯ୍ୟନ୍ତ ଆପଣ କେବଳ ପ୍ରେମିକାଟିଏ ପାଇବାକୁ ଚେଷ୍ଟା କରୁଥିବେ ହେଲେ ସଫଳ ହେବେ ନାହିଁ। ତେଣୁ ଏପରି ତୀର ମାରନ୍ତୁ ଯାହା ଏକାଥରେ ଆପଣଙ୍କୁ ଜଣେ ସକସେସ୍ ପ୍ରେମିକର ଆଖ୍ୟା ଦେବ। ଆଉ ଏସବୁ ନିଜ ଉପରେ ହିଁ ନିର୍ଭର କରେ।

# ମୋତେ ପରିଚୟ ଦେଇଛି ଓଡ଼ିଶା କଳାସଂସ୍କୃତି



ବିଶ୍ୱରଞ୍ଜନ







ନିର୍ଜୀବ ପଥର ତାଙ୍କ ନିହଣ ସ୍ପର୍ଶରେ ହୋଇଉଠେ ଜୀବନ୍ତ। ଚିଲିକା କୂଳରେ ପ୍ରାକୃତିକ ଶୋଭାର ଭଣ୍ଡାରକୁ ଦେଖି ସେ ବିଭୋର ହୋଇପଡ଼ନ୍ତି। ଏଇଠି ବସି ସେ ଆଙ୍କିଛନ୍ତି ଅନେକ ଚିତ୍ର । ଏମିତି ଜଣେ ଯୁବଶିଳ୍ପୀ ହେଲେ ବିଶ୍ୱରଞ୍ଜନ। ବାପା ପଠାଣି ବଳବନ୍ତରାୟ ଜଣେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଓ ମା' ରାଣୀପ୍ରିୟା। ଘର ଖୋର୍ଦ୍ଧା ଜିଲା ଚିଲିକା ବ୍ଲକର ହରିପୁର ଶାସନରେ। ତାଙ୍କ ଜୀବନର ସଂଘର୍ଷମୟ ପଥରେ ନିଜର ସାଧନାକୁ ସେ ପୁଞ୍ଜୀଭୂତ କରି ଅଗ୍ରସର ହୋଇଛନ୍ତି । ଏବେ ସେ ରୁହନ୍ତି ଅହମ୍ମଦାବାଦର ଭୋକାଲ ଅଞ୍ଚଳରେ, ସେଠାରେ ସେ ଗଢ଼ିଛନ୍ତି ନିଜସ୍ୱ ଉଦ୍ୟମରେ ଆର୍ଟପଥ। ପ୍ରାୟ ୧୦ଜଣ ଶିଳ୍ପୀ ଏଥିରେ କାର୍ଯ୍ୟ କରିଥାନ୍ତି। ସେ କୁହନ୍ତି, ପିଲାଟିବେଳୁ ମୋର ଚିତ୍ର ଆଙ୍କିବା ପ୍ରତି ଥିଲା ଅହେତୁକ ଦୁର୍ବଳତା । ବିଭିନ୍ନ ପ୍ରକାରର ଚିତ୍ର ଅଙ୍କନ କରୁଥିଲି। ପ୍ରାୟତଃ ପ୍ରାଚୀନ ସଂସ୍କୃତି ଓ ଜଙ୍ଗଲର ଚିତ୍ର କରିଥାଏ। ବାପାଙ୍କଠାରୁ ପ୍ରେରଣା ମିଳିଥିଲା କାରଣ ବାପା ଥିଲେ ଜଣେ ଭଲ ପେଣ୍ଟର। ଗାଁରେ କଳାକାରଙ୍କୁ ସେ ସହଯୋଗ କରିଥାନ୍ତି। ଲକ୍ଷ୍ମୀଧରପୁର ବିଦ୍ୟାପୀଠରେ ମୋର ପଢ଼ାବେଳେ ବିଶେଷକରି ଚିତ୍ରାଙ୍କନ ଓ ଫୁଟ୍‌ବଲ ଖେଳରେ ଅଧିକ ସମୟ ବିତୁଥିଲା। ସମୟକ୍ରମେ ପୁରାତନ ତଥା ଓଡ଼ିଶାର ସର୍ବପ୍ରଥମ ସରକାରୀ ଚାରୁକଳା ମହାବିଦ୍ୟାଳୟ ଖଲ୍ଲିକୋଟରେ ୫ ବର୍ଷ ପାଠ ପଢ଼ିଲି । ପରେ ଉତ୍କଳ କଳାସଂସ୍କୃତି ମହାବିଦ୍ୟାଳୟରେ ଏମ୍.ଭି.ଏ ମଧ୍ୟ ପଢ଼ିଥିଲି। ୨୦୦୨ ମସିହାରେ ରାଜ୍ୟ ବାହାରେ ଏକ ସରକାରୀ ଶିକ୍ଷା ଅନୁଷ୍ଠାନରେ ଶିକ୍ଷକ ଭାବେ ଚାକିରି ତ କରିଥିଲି ମାତ୍ର ସେଥିରେ ମନ ଲାଗିଲା ନାହିଁ। ଆର୍ଟରେ କାମ କଲି। କଲିକତାରେ ବିମାନ ବିହାରୀ ଦାସଙ୍କ ଘରେ ରହି କିଛି କାମ ମଧ୍ୟ ଶିଖିଲି। ରାଧାକ୍ରିଷ୍ଣ ସାର ଓ ଗୁଟୁ ପଟ୍ଟନାୟକଙ୍କ ସହିତ କଳା କାରିଗରିର କାମ କରିବାର ସୁଯୋଗ ମିଳିଲା। ଦିଲ୍ଲୀରେ ଭିଜୁଆଲ ଆର୍ଟରେ ଏକ ଷ୍ଟୁଡ଼ିଓ କରିଥିଲି। ବିଭିନ୍ନ ସମୟରେ କଳାକୃତିର ପ୍ରଦର୍ଶନ ମଧ୍ୟ ଜାରି ରହିଲା। ଏଥିରେ ଆମ ରାଜ୍ୟ ଓଡ଼ିଶା, ବିହାର, ଗୁଜୁରାଟ ଆଦି ସ୍ଥାନର ଗ୍ରାମୀଣ କଳାର ପ୍ରଦର୍ଶନ କରିପାରିଥିଲି। ବିଭିନ୍ନ ରାଜ୍ୟର ପିଲାମାନେ ବି ସୁଯୋଗ ପାଇପାରିଲେ। ମୁମ୍ବାଇ, ମୋନାଲି, ଗୁଜୁରାଟ ଆଦି ସ୍ଥାନରେ କାମ କରିବାର ସୁଯୋଗ ମିଳିଛି। ଓଡ଼ିଶା ଲଳିତ କଳା ଏକାଡେମୀ ତରଫରୁ ୧୯୯୯ ଏବଂ ଜାତୀୟସ୍ତରରେ ପୁରସ୍କାର ମିଳିଛି। ଏଥିସହିତ ମହାତ୍ମା ଗାନ୍ଧୀ ଗ୍ରାମୋଦୟ ବିଶ୍ୱବିଦ୍ୟାଳୟରୁ ଗୋଲ୍ଡ ମେଡାଲ, ସିଲଭର ମେଡାଲ ପଦକ ମିଳିଛି। ମୋ କଳାକୃତି ପାଇଁ ଅନେକ ପୁରସ୍କାର ମିଳିଛି। ଏଯାଏ ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ ଆର୍ଟକାମ ସାରିପାରିଛି। ଆପେଆପେ କିଛି ନୂଆ ଚିନ୍ତା ଜୁଟେ, ତାହାକୁ କଳାର ରୂପ ଦିଏ। ପ୍ରତ୍ୟେକ ମୂର୍ତ୍ତି ଗଢ଼ିବା ପଛରେ କିଛି ଅଦ୍ଭୁତ କାହାଣୀ ରହିଛି। ଏବେ ଗୁଜୁରାଟର ଜଙ୍ଗଲ ସଫାରି ଗେଟ୍‌କୁ ତିଆରି କରିବାର ସୁଯୋଗ ମିଳିଛି। ଓଡ଼ିଶା କଳା ସଂସ୍କୃତି ହିଁ ମୋ ଶିଳ୍ପୀ ଜୀବନର ପ୍ରାଣ, ଯାହା ମୋତେ ଏପରି ପରିଚୟ ଦେଇଛି।

-ବନ ବିହାରୀ ବେହେରା






# ଏଗାର ଏଗାର ମିଶି ଚବିଶ !

**ଚିନ୍ମୟ ଚିନ୍ତନ**

ଯିଏ ବି ଶୁଣିବ ହସିବ। ପ୍ରଥମ କି ଦ୍ୱିତୀୟ ଶ୍ରେଣୀରେ ପଢୁଥିବା ପିଲାଏ ଆଶ୍ଚର୍ଯ୍ୟ ହେବେ! ବଡ ବଡ ଲୋକଙ୍କୁ କ'ଣ ଏ ସାଧାରଣ ମିଶାଣ ଆସେନା? ଆମେ ତ ପଢ଼ିଛୁ ୧୧+୧୧=୨୨। ପୁଣି ୨୪ କେମିତି ହେବ?


ପାଠକେ! ଖାଲି କ'ଣ ସେତିକି। ଏହାର ପରବର୍ତ୍ତୀ ପଦଗୁଡ଼ିକ ଶୁଣନ୍ତୁ।

ଏଗାର ଏଗାର ମିଶି ଚବିଶ
ଓଲଟାଇ ଦେଲେ ସେ ଚୌରାଅଶୀ
ହରଣ କରିଲେ ସେ ଅଠାଅଶୀ
ଗୁଣନ କରିଲେ ହେବ ବତିଶ
ଫେଡ଼ି କହିଦେଲେ ସେ ବୟାଳିଶ
ଏହି ତତ୍ତ୍ୱମାନ ଯିଏ ଜାଣିବ
ଦୀନ ଅଚ୍ୟୁତ ତା' ପାଦେ ସେବିବ।

ହଉ ହେଲା, ଧର ୧୧+୧୧ = ୨୪ ହେଲା। ହେଲେ ଏହାକୁ ଓଲଟାଇ ଦେଲେ ହେଉଛି ୪୨, ୮୪ କେମିତି ହେବ? ହରଣ କଲେ ୮୮ ହେବ! ଗୁଣିଲେ ୩୨ !! ଫେଡ଼ିଲେ ୪୨ ହେବ!!! ଇୟେ କେମିତିକା ମୂର୍ଖାମୀ କଥା!

ହେଲେ ପାଠକେ, ଉପରୋକ୍ତ ପଦଟି ଗୋଟିଏ ମଦ୍ୟପର ମଗଜରୁ ଆସିଥିଲେ ଆମର ଚିନ୍ତା ନ ଥାନ୍ତା। ଏ ପଦଟି ଅଚ୍ୟୁତାନନ୍ଦ ମହାପୁରୁଷଙ୍କର। କେହିକେହି ତତ୍ତ୍ୱ ଗବେଷକ ଅନ୍ୟ କେହି ପଣ୍ଡିତ ଉକ୍ତ ପଦ୍ୟକୁ ନିଜେ ଲେଖି ଅଚ୍ୟୁତଙ୍କ ନାଁରେ ଭଣିତା କରିଥାଇପାରନ୍ତି ବୋଲି କୁହନ୍ତି। ଛାଡ଼ ସେ କଥା। ଆମେ ସେ ଅଳିଆ ଭିତରକୁ ଯିବାନି। ଆମେ ହଂସ ଭଳି ହେବା। କ୍ଷୀରରୁ ପାଣିକୁ ଅଲଗା କରି କେବଳ କ୍ଷୀରକୁ ପିଇବା। ଅଚ୍ୟୁତ ଲେଖନ୍ତୁ ବା ତାଙ୍କ ନାଁରେ ଆଉ ଯିଏ ଲେଖୁ, ସେ ନିଶ୍ଚେ ଜଣେ ତତ୍ତ୍ୱବିତ୍ ମହାପୁରୁଷ ହୋଇଥିବେ।

ଏଗୁଡ଼ିକୁ କୁହାଯାଏ ତତ୍ତ୍ୱ ଭଜନ। ପିଣ୍ଡ-ବ୍ରହ୍ମାଣ୍ଡବାଦୀ କବିତା। ଏମିତିଆ ପଦ ସବୁ ଆମର ଓଡ଼ିଶାରେ ହିଁ ମିଳେ। ପଞ୍ଚସଖା, ଭୀମ ଭୋଇ, ହାଡ଼ିଦାସ, ଠାକୁର ଅଭିରାମ ପ୍ରମୁଖ ମହାପୁରୁଷଙ୍କ ଲେଖନୀରୁ ଏମିତି ଅନେକ ଶରୀର ଭେଦ ଭଜନ ନିସୃତ ହୋଇଛି। ଏହାକୁ ବୁଝିବାକୁ ହେଲେ ଟିକେ ଭିତରକୁ ପଶିବାକୁ ପଡ଼ିବ। ଏଇ କିଛିଦିନ ତଳେ ଏକ ଲୋକପ୍ରିୟ



ଆଧ୍ୟାତ୍ମିକ ଚ୍ୟାନେଲରେ ଏପରି ଭଜନମାନଙ୍କୁ ନେଇ ତର୍କବିତର୍କ ହୋଇଥିଲା। ଏଥିରେ ଶ୍ରୀ ସନ୍ନ୍ୟାସୀ ବି ଭାଗ ନେଇଥିଲା। ଯେ ପଦ୍ୟାବଳୀଗୁଡ଼ିକ ଆଦୌ କ୍ଳିଷ୍ଟ ନୁହେଁ। ଟିକେ ବୁଝିଲେ ହେଲା। ଭାଗବତରେ ପଦଟିଏ ଅଛି- ଜ୍ଞାନୀ ନ କହନ୍ତି ସାକ୍ଷାତେ, ବୁଲାଇ ଘରଦ୍ୱାର ପଥେ। ଠିକ୍ କଥାଟିକୁ ତତ୍ତ୍ୱଦର୍ଶୀ ମହାପୁରୁଷମାନେ ଟିକେ ଭିନ୍ନ ଢଙ୍ଗରେ କହନ୍ତି। ପାଠକ ବା ଶ୍ରୋତାମାନଙ୍କୁ ଆକୃଷ୍ଟ କରିବାର ଏହା ଏକ ସୁନ୍ଦର ମାଧ୍ୟମ।

ଏଠାରେ 'ଏଗାର' କହିଲେ ସଂଖ୍ୟା ୧୧ ନୁହେଁ। ଏହା ହେଉଛି ନାକ ପୁଡ଼ା। ଏଗାର ଏଗାର ବୋଇଲେ ଦୁଇଟି ଯାକ ନାକପୁଡ଼ାକୁ ବୁଝାଏ। ଗୋଟିଏ ସାଧାରଣ ଲୋକର ନିଃଶ୍ୱାସ ବା ପ୍ରଶ୍ୱାସ ୧୨ ଅଙ୍ଗୁଳି ପର୍ଯ୍ୟନ୍ତ ଯାଇଥାଏ। ୧୨ରୁ ୧୩ ହେଲେ ଜୀବନ ଚାଲିଯିବ। ତେଣୁ ଏ ପଟେ ନାକ ପୁଡ଼ାରେ ୧୨, ସେପଟ ନାକ ପୁଡ଼ାରେ ୧୨- ଏମିତି ମିଶି ହେଲା ୨୪।

'ଓଲଟାଇ ଦେଲେ ସେ ଚୌରାଅଶୀ'। ଏ ଶରୀର ହେଲା ଏକ ଓଲଟ ବୃକ୍ଷ। ପାଦଠାରୁ ତାଳୁ ପର୍ଯ୍ୟନ୍ତ ୮୪ ଅଙ୍ଗୁଳି ଶରୀର। ସଂସାରରେ ଯେତେ ମଣିଷ ଅଛନ୍ତି ସମସ୍ତଙ୍କ ଉଚ୍ଚତା ନିଜ ହାତରେ ସାଢ଼େ ଚାରିହାତ। ୮୪ ଅଙ୍ଗୁଳି।

'ହରଣ କରିଲେ ସେ ଅଠାଅଶୀ'। ମାନେ? ଗଣିତରେ ହରଣର ଭାଗଫଳକୁ ହିଁ ଗୁରୁତ୍ୱ ଦିଆଯାଇଥାଏ। ଆମ ଶରୀରର ଉଚ୍ଚତା ୮୪ ଅଙ୍ଗୁଳି, ଠିକ୍ କଥା। କିନ୍ତୁ ମୋଟାମୋଟି ଫଳ ହେଉଛି ୮୮। ତାଳୁଠାରୁ ଆଉ ୪ ଅଙ୍ଗୁଳି ଉପରେ ସହସ୍ରାର ଚକ୍ର ଅଛି। ୮୪+୪ = ୮୮ ହେଉଛି ବାସ୍ତବିକ ଉଚ୍ଚତା।

ଠିକ୍ ଅଛି, ଜୀବର ଶରୀର ୮୪ ହେଉ କି ୮୮ ଅଙ୍ଗୁଳି ହେଉ, ତା' ଭିତରେ ବି ଆମେ ପଶିବା ନାହିଁ। ମୁଖ୍ୟ କଥା ହେଉଛି, ଏ ଜୀବ ମୁକ୍ତି ପାଇବ କିପରି? ଶାସ୍ତ୍ର ପୁରାଣ କହିଲେ- ସର୍ବଦା ନାମ କର। ନାମ ପୁଣି ୨ ପ୍ରକାରର। ଜପା ଆଉ ଅଜପା। ଜପା ହେଲା ୧୬ ନାମ ୩୨ ଅକ୍ଷର। ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ, ହରେ ରାମ ହରେ ରାମ ରାମ ରାମ ହରେ ହରେ । ହେ ଜୀବ, ଏଇ ୩୨କୁ ମନେ ମନେ ଗୁଣି ହେଉଥା। ଏହା ହେଉଛି 'ଗୁଣନ କଲେ ସେ ହେବ ୩୨'ର ଭିତିରି କଥା।

'ଫେଡ଼ି କହିଦେଲେ ବୟାଳିଶ'-ଯେ ୪୨ ହେଉଛି ୪୨ ଚାବି। କେହି କେହି ପାଲା ଗାହାଣମାନେ ୪୨ ତାଲା ବୋଲି ବି କୁହନ୍ତି। ୫ ପବନ, ୧୦ ଇନ୍ଦ୍ରିୟ, ୨୫ ପ୍ରକୃତି, ମନ ଓ ବୁଦ୍ଧି- ଏଇ ୪୨ଟି ହେଉଛି ଚାବି। ଏଇ ୪୨କୁ ସଂଯମ କର। ଚାବି ପକା ଶରୀର ଭିତରୁ ଏହାକୁ ଫେଡ ଅର୍ଥାତ ବାହାର କର। ତେବେ ଯାଇ 'ଆତ୍ମ ଦର୍ଶନ' ହେବ। ଈଶ୍ୱରଙ୍କୁ ପାଇବ। ଠାକୁର ଅଭିରାମ ପରମହଂସ ଗୋଟିଏ ଭଜନରେ ଲେଖିଛନ୍ତି-

ଆସ ହେ ମାଧବ ସାଧବ ଘର/ରାଇ ଶୋଇଛନ୍ତି କେଶର ପର
କବାଟ ଦେଇ ଶୋଇଛନ୍ତି ରମା/ଉଠିବେ ନାହିଁ ସେ ଅଲିଅଳ ଜେମା
ଅଷ୍ଟମ ଦଶାରେ ଛନ୍ତି
ଭାସେ ଅଭିରାମ ବୟାଳିଶ ଚାବି/ଦେଇ ଧନୀ ଶୋଇଛନ୍ତି।

-ଶ୍ରୀ ସନ୍ନ୍ୟାସୀ

-ଦିବ୍ୟାଲୋକ ସନ୍ଧାନେ, ରାମନଗର, ତେଲେଙ୍ଗାପେଣ୍ଠ, କଟକ

## ମଡେଲ ମିରର୍



ସୋନମ୍

**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କମଲ୍ ଫଟୋଗ୍ରାଫି

## ହାଃ ହାଃ

### ଡିଲ୍

ବାପା ପୁଅକୁ- ତୁ ଯଦି ତୋ ବୋଉ ପର୍ସରୁ ଶହେ ଟଙ୍କା ଆଣି ପାରିବୁ ତା'ହେଲେ ତତେ ମୁଁ ୧୦ ଟଙ୍କା ଦେବି।

ପୁଅ- ନା, ଏତେ ଶସ୍ତାରେ ଡିଲ୍ ହୋଇପାରିବନି। କାରଣ ତୁମ ପର୍ସରୁ ଏଇ କାମ କରିବା ପାଇଁ ମା' ପରା ମତେ ୨୦ ଟଙ୍କା ଦିଏ।

### ଅପେକ୍ଷା

ରମେଶ ପପୁକୁ- ଜାଣିଛୁ ଗଛ ତଳେ ବସିଲେ 'ଶୀତଳ ଛାୟା' ମିଳିଥାଏ।

ପପୁ ତିନିଦିନ ଧରି ଏକ ଗଛ ତଳେ ବସି ରହିଲା।

ଏହା ଦେଖି ରମେଶ- ଗଛ ତଳେ ଏମିତି କାହିଁକି ବସିରହିଛୁ ?

ପପୁ- ତୁ ମତେ ଠକି ଦେଲୁ।

ରମେଶ- ମୁଁ କ'ଣ ଠକିଲି।

ପପୁ- ତୁ କହିଲୁ ଗଛ ତଳେ ବସିଲେ ଶୀତଳ ଛାୟା ମିଳିବ। ହେଲେ ଏତେ ଅପେକ୍ଷା କରିବା ସତ୍ତ୍ୱେ ନା 'ଶୀତଳ' ଆସିଲା ନା 'ଛାୟା'।

### ଦର୍ଶନ

ସ୍ତ୍ରୀ- ମୁଁ ସବୁଦିନ ପୂଜା କରୁଛି। କୋଉଦିନ କେଜାଣି ଭଗବାନ ଶ୍ରୀକୃଷ୍ଣଙ୍କର ଦର୍ଶନ ମିଳିବ।

ସ୍ୱାମୀ- ଥରେ ମୀରାବାଈ ହୋଇ ବିଷପାନ କର। ଦେଖିବ କୃଷ୍ଣ କ'ଣ ସବୁ ଭଗବାନଙ୍କର ଦର୍ଶନ ମିଳିଯିବ।





# ଐତିହାସିକ ସହର ପାଲ୍‌ଘର

**ମହାରାଷ୍ଟ୍ରସ୍ଥିତ ଏକ ଐତିହାସିକ ସହର ଭାବେ ପାଲ୍‌ଘର୍‌ର ସ୍ୱତନ୍ତ୍ର ପରିଚୟ ରହିଛି। ପ୍ରାଚୀନ ମନ୍ଦିର, ଆକର୍ଷଣୀୟ ସମୁଦ୍ରତଟ ସାଙ୍ଗକୁ ଐତିହାସିକ କୀର୍ତ୍ତିରାଜିମାନ ଏହି ସହରର ମହତ୍ତ୍ୱକୁ ବୃଦ୍ଧି କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରୁଛି...**



ମହାରାଷ୍ଟ୍ରସ୍ଥିତ ଏକ ଐତିହାସିକ ସହର ହେଉଛି ପାଲ୍‌ଘର୍‌। ଏଠାରେ ଅନେକ ପ୍ରାଚୀନ ମନ୍ଦିର ସାଙ୍ଗକୁ ସୌନ୍ଦର୍ଯ୍ୟପୂର୍ଣ୍ଣ ସମୁଦ୍ରତଟ ଦେଖିବାକୁ ମିଳିଥାଏ। ତା'ଛଡ଼ା ଏଠାକାର ଐତିହାସିକ କୀର୍ତ୍ତିରାଜି ବି ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରିଥାଏ। ଖାସ୍ ସେଥିପାଇଁ ଏଠାରେ ପର୍ଯ୍ୟଟକଙ୍କର ଭିଡ଼ ଜମେ।

### କେବେ ଓ କେମିତି ଯିବେ

ପର୍ଯ୍ୟଟକ ଚାହିଁଲେ ପାଲ୍‌ଘର୍‌କୁ ବର୍ଷର ଯେ କୌଣସି ସମୟରେ ବୁଲିବାକୁ ଯାଇପାରିବେ। କିନ୍ତୁ ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ରର ମତାନୁଯାୟୀ, ଏଠାକୁ ଯିବା ପାଇଁ ଅକ୍ଟୋବରରୁ ମାର୍ଚ୍ଚ ହେଉଛି ସବୁଠୁ ଉପଯୁକ୍ତ ସମୟ। କାରଣ ଏହି ସମୟରେ ଏଠାକାର ତାପମାତ୍ରା ପ୍ରାୟ ୧୫ରୁ ୨୫ ଡିଗ୍ରୀ ସେଲ୍‌ସିୟସ୍ ଭିତରେ ରହିଥାଏ, ଯଦ୍ୱାରା ବୁଲାବୁଲି କରିବାକୁ ସୁବିଧା ହୋଇଥାଏ। ସେହିପରି ପାଲ୍‌ଘର୍‌କୁ ଯିବା ପାଇଁ ଗମନାଗମନର ମଧ୍ୟ ଭଲ ସୁବିଧା ରହିଛି। ବମ୍ବେସ୍ଥିତ ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦର ହେଉଛି ଏଠାକାର ଏକ ପ୍ରମୁଖ ବିମାନବନ୍ଦର, ଯାହା ପାଲ୍‌ଘର୍‌ଠାରୁ ପ୍ରାୟ ୭୦ କି.ମି. ଦୂରରେ ଅବସ୍ଥିତ। ଅନ୍ୟପକ୍ଷେ ପାଲ୍‌ଘର୍ ରେଲୱେ ଷ୍ଟେଶନ ସହରର କେନ୍ଦ୍ରସ୍ଥଳୀରେ ରହିଛି, ଯେଉଁଠାକୁ ଦେଶର ବିଭିନ୍ନ ସ୍ଥାନରୁ ନିୟମିତ ବ୍ୟବଧାନରେ ଟ୍ରେନ୍ ଚଳାଚଳ କରିଥାଏ। ତା'ଛଡ଼ା ଏଠାକୁ ଯିବା ପାଇଁ ଟୁରିଷ୍ଟ ବସ୍‌ର ବି ବ୍ୟବସ୍ଥା ରହିଛି।



### କ'ଣ ଦେଖିବେ

ପାଲ୍‌ଘର୍‌ର ନିକଟବର୍ତ୍ତୀ ଅଞ୍ଚଳରେ ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ଦେଖିବାକୁ ମିଳିଥାଏ, ଯେମିତିକି:

**କେଲୱା ବିଚ୍:** ପାଲ୍‌ଘର୍‌ସ୍ଥିତ ଏହା ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। ବ୍ୟସ୍ତମୟ ଜୀବନରୁ ସମୟ ବାହାର କରି ଟିକେ ନିରୋଳାରେ କିଛି ସମୟ ବିତାଇବା ପାଇଁ ଏଠାକୁ ପର୍ଯ୍ୟଟକମାନେ ଧାଇଁ ଆସିଥାନ୍ତି। ମାତ୍ର ୮ କି.ମି.ପର୍ଯ୍ୟନ୍ତ ବ୍ୟାପ୍ତ ଥିବା ଏହି ସମୁଦ୍ରତଟରେ ପର୍ଯ୍ୟଟକ ସି-ଫୁଡ୍ ଖାଇବାର ମଜା ନେବା ସହ ବିଭିନ୍ନ ପ୍ରକାର ୱାଟର୍ ସ୍ପୋର୍ଟ୍ସ ଖେଳିବାର ଆନନ୍ଦ ବି ଉପଭୋଗ କରିପାରିବେ।

**ଶିରଗାୱ ଦୁର୍ଗ:** ପାଲ୍‌ଘର୍‌ଠାରୁ ମାତ୍ର ୬.୫ କି.ମି. ଦୂରରେ ଥିବା ଏହି ଐତିହାସିକ ଦୁର୍ଗଟିକୁ ଏକଦା ରାଜ୍ୟର ସୁରକ୍ଷା ତଥା ଶତ୍ରୁମାନଙ୍କର ଗତିବିଧି ଉପରେ ନଜର ରଖିବା ପାଇଁ ନିର୍ମାଣ କରାଯାଇଥିଲା। ଇତିହାସ ପୃଷ୍ଠା ଓଲଟାଇଲେ ଏ ନେଇ ଅନେକ ସୂଚନା ନଜରକୁ ଆସିଥାଏ। ତେବେ ବର୍ତ୍ତମାନ ଏହି ଦୁର୍ଗଟିର ଅନେକ ଅଂଶ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିଲେ ହେଁ, ଏହାର କଳାକୃତି ଏବେ ବି ମନେ ପକାଇ ଦେଉଛି ଇତିହାସର ସେହି ସ୍ମୃତି ସବୁକୁ।

**ବାସାଇ ଦୁର୍ଗ:** ପାଲ୍‌ଘର୍‌ର ନିକଟବର୍ତ୍ତୀ ଅଞ୍ଚଳରେ ଥିବା ଅନ୍ୟଏକ ଐତିହାସିକ ପର୍ଯ୍ୟଟନସ୍ଥଳୀ ହେଉଛି ବାସାଇ ଦୁର୍ଗ। ଏହି ଦୁର୍ଗଟିର ଏବେ କେବଳ ଭଗ୍ନାଂବଶେଷ ଦେଖିବାକୁ ମିଳୁଛି। ତଥାପି ବି ଏହା ଇତିହାସର ଏକ ଗୌରବମୟ କିର୍ତ୍ତୀ ଭାବେ ନିଜକୁ ପ୍ରମାଣିତ କରିପାରୁଛି।

**ମହାଲକ୍ଷ୍ମୀ ମନ୍ଦିର:** ଏହା ହେଉଛି ସ୍ଥାନୀୟ ଏକ ଲୋକପ୍ରିୟ ଦେବୀ ମନ୍ଦିର। ନବରାତ୍ରୀ ସମୟରେ ଏଠାରେ ଦେବୀଙ୍କର ସ୍ୱତନ୍ତ୍ର ପୂଜାର ଆୟୋଜନ କରାଯାଇଥାଏ। ମନ୍ଦିରକୁ ସୁନ୍ଦର ଭାବେ ସଜାଯିବା ସହ ମା'ଙ୍କର ବି ସ୍ୱତନ୍ତ୍ର ବେଶଭୂଷା ହୋଇଥାଏ, ଯାହା ଖୁବ୍ ଆକର୍ଷଣୀୟ ଲାଗେ।

ଏସବୁ ବ୍ୟତିତ ପର୍ଯ୍ୟଟକ ଚାହିଁଲେ ନିକଟବର୍ତ୍ତୀ ଅଞ୍ଚଳରେ ଥିବା ଅର୍ନାଲା ଦୁର୍ଗ, ଗମ୍ଭୀରଗଡ଼, କାଳଦୁର୍ଗ, କମାନଦୁର୍ଗ, ତନ୍ଦୁଲୱାଡ଼ି ଦୁର୍ଗ, ଜୀବଦାନୀ ମାତା ମନ୍ଦିର ଇତ୍ୟାଦି ଦର୍ଶନୀୟ ସ୍ଥାନ ବି ବୁଲି ଦେଖିପାରିବେ।

### ଶିକ୍ଷା ଓ କ୍ରୀଡ଼ା ଦିଗରେ ସ୍ୱତନ୍ତ୍ର ଧ୍ୟାନ

ପାଲ୍‌ଘର୍‌ରେ ଶିକ୍ଷା ଓ କ୍ରୀଡ଼ାକୁ ବିଶେଷ ଗୁରୁତ୍ୱ ଦିଆଯାଇଥାଏ। ସେଥିପାଇଁ ଏଠାରେ ବହୁ ନାମୀଦାମୀ ସ୍କୁଲ୍ ଓ କଲେଜ ନିର୍ମାଣ କରାଯିବା ସହ ଛାତ୍ରଛାତ୍ରୀମାନେ କ୍ରୀଡ଼ା କ୍ଷେତ୍ରରେ କିପରି ନାଁ କରିବେ ସେ ନେଇ ସ୍ୱତନ୍ତ୍ର ଧ୍ୟାନ ବି ଦିଆଯାଏ। ଖାସ୍ କରି କ୍ରିକେଟ୍ ଖେଳ ପ୍ରତି ଏଠାରେ ଅଧିକ ଦୃଷ୍ଟି ଦିଆଯାଉଥିବା ଦେଖିବାକୁ ମିଳିଥାଏ।










# ଦୁଇ ମାସ ଶୋଉଥିବା ଝିଅ

କିମ୍ବଦନ୍ତୀ କହେ କୁମ୍ଭକର୍ଣ୍ଣ ୬ ମାସ ଶୋଉଥିଲେ। ତେବେ ବାସ୍ତବ ଜୀବନରେ କ'ଣ ଏମିତି ଘଟେ ? ହଁ ଘଟିଥାଏ। କଲମ୍ବିଆର ଆକାସିଆସ୍ ସହରରେ ରହୁଥିବା ୧୭ ବର୍ଷୀୟା ଶାରିକା ତୋଭାରଙ୍କ ଜୀବନରେ ଏହା ଘଟୁଛି। ମାତ୍ର ୨ ବର୍ଷ ବୟସର ହୋଇଥିବା ସମୟରୁ ସେ ଏକ ବିରଳ ରୋଗରେ ଆକ୍ରାନ୍ତ ହୋଇଛନ୍ତି, ଯାହା 'ସ୍ଲିପିଂ ବ୍ୟୁଟି' ନାମରେ ପରିଚିତ। ଏହା ଏକ ଅତି ବିରଳ ଘଟଣା। ଆଜି ପର୍ଯ୍ୟନ୍ତ ସାରା ପୃଥିବୀରେ ମାତ୍ର ୪୦ଟି ଏଭଳି ଘଟଣା ଦେଖିବାକୁ ମିଳିଛି। ଶାରିକା ହାଇପରସୋମ୍ନିଆ ବା ଗାଢ ନିଦ୍ରାରେ ୨ ମାସ ପର୍ଯ୍ୟନ୍ତ ରହନ୍ତି। ଏହି ସମୟରେ ତାଙ୍କ ମା' ମାର୍ଲେନୀ ଝିଅକୁ କିଛି ଘଣ୍ଟା ଅନ୍ତରାଳରେ ଖୁଆଇଥାଆନ୍ତି। ଖାଦ୍ୟକୁ ଗ୍ରାଇଣ୍ଡ କରିବା ସହ ତରଳ ଅବସ୍ଥାରେ ଟ୍ୟୁବ୍ ମାଧ୍ୟମରେ ଖୁଆନ୍ତି। ଝିଅର ଏଭଳି ସ୍ଥିତି ପାଇଁ ମାର୍ଲେନୀଙ୍କୁ ଚାକିରି ବି ଛାଡିବାକୁ ପଡିଥିଲା। ଏହି ଗାଢ ନିଦ୍ରାରୁ ଉଠିବା ପରେ ଶାରିକା କେବେ ଆଂଶିକ ତ କେବେ ସମ୍ପୂର୍ଣ୍ଣ ସ୍ମରଣଶକ୍ତି ହରାଇ ବସନ୍ତି। ଏମିତିକି ନିଜ ମା'କୁ ବି ଚିହ୍ନିପାରନ୍ତି ନାହିଁ। ତେବେ ଏ ପର୍ଯ୍ୟନ୍ତ ଏହି ରୋଗର କାରଣ ଜଣାପଡିନାହିଁ। ଏହା ଭାଇରାଲ ଇନଫେକ୍ସନରୁ ହୋଇଥାଇପାରେ ବୋଲି ଡାକ୍ତର କହନ୍ତି।

## କାର୍ଟୁନ କର୍ନର



# ବିଶ୍ୱ ଦରବାରରେ ମାତନ

ଯାତ୍ରା ଜଗତର ଜଣେ ଲାସ୍ୟମୟୀ ଅଭିନେତ୍ରୀ ହେଉଛନ୍ତି ମାତନ। ରୂପ ଯେମିତି ଗୁଣ ବି ସେମିତି। ଡ୍ୟାନ୍ସରେ ଯେମିତି ଡାଏଲଗ୍‌ରେ ସେମିତି। ଚେହେରା ଯେମିତି ଅଭିନୟ ବି ସେମିତି। ଏବେ ଯାତ୍ରାଶ୍ରୀ 'ବିଶ୍ୱ ଦରବାର' କ୍ୟାମ୍ପରେ ଦେଖିବାକୁ ମିଳୁଛି ମାତନଙ୍କ ମନମତାଣିଆ ଡାଏଲଗ୍ ସାଙ୍ଗକୁ ମନଛୁଆଁ ଅଭିନୟ। 'ତମ କଥା ଭାରି ମନେପଡୁଛି', 'ବରଷା ରାତିର ସାଥୀ', 'ଆକାଶ କଇଁଆ ଚିଲିକା ମାଛ' ଆଦି ନାଟକରେ ସେ ଦମଦାର ରୋଲ୍‌ରେ ଆସୁଛନ୍ତି ମଞ୍ଚ ଉପରକୁ। ମାତନ ଅଭିନୟ କରିଥିବା ସଫଳ ନାଟକଗୁଡ଼ିକ ମଧ୍ୟରେ ରହିଛି 'ପାପ ଭଲଲାଗେ ବାପଘରେ', 'ରୂପାଲୀ ଛକ ରେପ୍ କେସ୍', 'କଉଠୁ ଆସିଛୁ ତୁ', 'ପୁରୀରେ ପ୍ରେମିକା କଟକରେ ସ୍ତ୍ରୀ', 'ମୋ ପ୍ରେମିକା ନୀହାରିକା' 'ମାଟି ଅଗଣାର ବୋହୂ', 'ଏମିତି ନାରୀକୁ ଦୂରୁ ଜୁହାର', 'ମୋ ସ୍ତ୍ରୀର ଗପ ନ କହିଲେ ପାପ', 'ବାଇଶି ପାହାଚ', 'କଳଙ୍କିନୀ ଏବଂ ଆହୁରି ଅନେକ। ଉଭୟ ନେଗେଟିଭ୍ ତଥା ପଜିଟିଭ୍ ଭୂମିକାରେ ମାତନ ବେଶ ସଫଳ। ସେ ଚରିତ୍ର ଅପେକ୍ଷା ଭୂମିକାକୁ ବେଶି ଗୁରୁତ୍ୱ ଦେଇଥାନ୍ତି। ପରିବାରରେ କେହି ଚାହୁଁ ନ ଥିଲେ ମାତନ ଯାତ୍ରାକୁ ଆସନ୍ତୁ। ବାପା ତ ତାଙ୍କର ଯାତ୍ରାକୁ ଆସିବା ନେଇ ସମ୍ପୂର୍ଣ୍ଣ ବିରୋଧ କରୁଥିଲେ। ମାତ୍ର ମାତନ ଆସିଲେ ଯାତ୍ରାକୁ 'ଜନନୀ ଗଣନାଟ୍ୟ'ରେ ଯୋଗ ଦେଇ ଯାତ୍ରା ଜୀବନ ଆରମ୍ଭ କଲେ। ଅବଶ୍ୟ 'ଜନନୀ ଗଣନାଟ୍ୟ'ରେ ସେ ଜଣେ ଡ୍ୟାନ୍ସର ଭାବରେ ଯୋଗଦେଇଥିଲେ। ଭାବିଥିଲେ, ଆଉ ଯାତ୍ରାକୁ ନେଇ ତାଙ୍କ ପରିବାର ପକ୍ଷରୁ ବିରୋଧ କରାଯିବନି। ହେଲେ ଦିନେ ବାପା ଆସି ପହଞ୍ଚିଲେ। କେହି କିଛି ବୁଝିବା ଆଗରୁ ତାଙ୍କୁ ଯାତ୍ରାରୁ ନେଇ ଘରକୁ ଚାଲିଗଲେ। ଏହାସତ୍ତ୍ୱେ ଯାତ୍ରାକୁ ଛାଡ଼ି ପାରି ନ ଥିଲେ ମାତନ। କିମ୍ବା ଯାତ୍ରାର ମାୟାରୁ ମୁକୁଳି ପାରି ନ ଥିଲେ। ଆସି ପହଞ୍ଚିଲେ 'କୃଷ୍ଣ ସୁଦାମା' ଗଣନାଟ୍ୟରେ। 'କୃଷ୍ଣ ସୁଦାମା' ପରେ ଆସିଲେ 'ତ୍ରିନାଥ ଗଣନାଟ୍ୟ'କୁ। ବାସ୍, ଏହାପରେ ଆଉ କୌଣସି ଅନ୍ତରାୟ ରହିଲାନି। ସେ ଗୋଟିଏ ପରେ ଗୋଟିଏ ପାହାଚ ଚଢ଼ି ଚାଲିଲେ। ଯାତ୍ରା ଜଗତର ଆଗଧାଡ଼ିର ଅଭିନେତ୍ରୀମାନଙ୍କ ମଧ୍ୟରୁ ଏବେ ଜଣେ ହେଉଛନ୍ତି ମାତନ।



# ହାସ୍ୟ ନାୟକ ବ୍ରଜ ପାଣି

ଚତୁର୍ଥ ଶ୍ରେଣୀର କଥା। ସାର୍ କହିଥିଲେ, ସ୍କୁଲରେ 'ପେଟୁ' ନାଟକ ହେବ। ଆଉ ତୁ ହିଁ 'ପେଟୁ' ଚରିତ୍ରରେ ଅଭିନୟ କରିବୁ। ସେଥିଲାଗି ପ୍ରସ୍ତୁତ ଥିଲା ପିଲାଟି। ମାତ୍ର ନାଟକ ରିହର୍ସାଲ ହେଲାନାହିଁ କିମ୍ବା ମଞ୍ଚସ୍ଥ ମଧ ହେଲାନାହିଁ। ପିଲାଟିର ମନ ଭାଙ୍ଗିଗଲା। ଭାବିଲା, ଆଉ ସେ ସ୍କୁଲକୁ ଯିବନି। କିମ୍ବା ସେ ମାଷ୍ଟ୍ରଙ୍କ ନିକଟରେ ପାଠ ପଢ଼ିବନି। ସେଇଆ ହେଲା। ପିଲାଟି ଦିନେ କାହାରିକୁ କିଛି ନ କହି ଘର ଛାଡ଼ିଦେଲା। ଆଉ ଆସି ପହଞ୍ଚିଲା ଭଦ୍ରକ ଆରଡ଼ି ନିକଟସ୍ଥ ସାତଭଉଣୀ ନାମକ ସ୍ଥାନରେ। ସେଠାରେ ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡାଙ୍କର ଯାତ୍ରାପାର୍ଟି 'ସପ୍ତମାତୃକା ଅପେରା' ପଡ଼ିଥାଏ। ଲମ୍ବ ହୋଇ ପଣ୍ଡା ମାଷ୍ଟ୍ରେଙ୍କ ଗୋଡ଼ତଳେ ପଡ଼ିଗଲା ପିଲାଟି। କହିଲା, ମୁଁ ଯାତ୍ରାପାର୍ଟିରେ ରହିବି। ଓଡ଼ିଶା ଯାତ୍ରା ଜଗତର ବହୁ ଅଭିନେତାଙ୍କୁ ଅଭିନୟର ଖଡ଼ିଛୁଆଁ କରେଇଥିବା ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା ପିଲାଟିର ଆଗ୍ରହ ଆଉ ତା' ଭିତରେ ଲୁଚି ରହିଥିବା ଦକ୍ଷତାକୁ ପରଖିନେଇ ତା' ମୁଣ୍ଡରେ ହାତ ରଖିଥିଲେ। ବାସ୍, ପିଲାଟି ପାଇଁ ଯାତ୍ରା ଦୁନିଆର କବାଟ ଖୋଲି ହୋଇଗଲା। ସେଦିନ ଚତୁର୍ଥ ଶ୍ରେଣୀରେ ମାତ୍ର ୧୧ବର୍ଷ ବୟସରେ ଘରଛାଡ଼ିଥିବା ସେହି ପିଲାଟି ଆଜି ଯାତ୍ରାଜଗତର ଜଣେ ନମ୍ବର ୱାନ ହାସ୍ୟ ଅଭିନେତା। ସେ ହେଉଛନ୍ତି ବ୍ରଜ ପାଣିଗ୍ରାହୀ ଓରଫ 'ବ୍ରଜ ପାଣି'। ପ୍ରଥମେ ଗୀତ ଗାଉଥିଲେ ବ୍ରଜ। ପରେ ତାଙ୍କୁ ଛୋଟ ଛୋଟ ଭୂମିକା ମିଳିଲା।

୧୯୮୪/୮୫ ମସିହାରେ ସେ ଆସିଲେ 'ଓଡ଼ିଶା ଅପେରା'। ପରେ ପରେ ତାରାପୁର ଏବଂ ଜନତା ଗଣନାଟ୍ୟ। ମାତ୍ର ପୁଣିଥରେ ସେ ଲେଉଟି ଆସିଲେ 'ଓଡ଼ିଶା ଅପେରା'କୁ। ସେଠାରେ ସେ ରହିଲେ ନ'ବର୍ଷ।

ଇତିମଧ୍ୟରେ ଯାତ୍ରାରେ ୪୮ବର୍ଷ ବିତେଇ ସାରିଲେଣି ବ୍ରଜ। 'ତୁଳସୀ', 'ସାହୁ ପାର୍ଟି', 'ସୁବର୍ଣ୍ଣରେଖା ଅପେରା', 'ସାହାଣୀ ଅପେରା', 'ଶିବାନୀ ଗଣନାଟ୍ୟ', 'ରଙ୍ଗମହଲ' ଆଦି ଯାତ୍ରାନୁଷ୍ଠାନରେ କାମକରି ଏବେ ଆସି ପହଞ୍ଚିଛନ୍ତି ଅପେରା 'ସୂର୍ଯ୍ୟମନ୍ଦିର'ରେ। ସେ ଅଭିନୟ କରିଥିବା ନାଟକଗୁଡ଼ିକ ମଧ୍ୟରେ ରହିଛି 'ବାପ ଥାଇ ପୁଅ ଜାରଜ', 'କାନ ମୋଡ଼ିଦେଲେ ସତ କହିବି', 'ଦିନରେ ତରା ରାତିରେ ଖରା', 'ଦେଖିବ ଆସ ମଣିଷ ଖାଉଛି ମଣିଷ ମାଂସ', 'କିଏ ନେଇଗଲା ଜାଇଫୁଲକୁ', 'ମୋ ନାଁ ଟି ଲିଲି ମୁଁ ଆସିଛି ବୁଲି', 'ସବାରି ଚାଲେ ଧୀରେଧୀରେ', 'ମୋ ବୋହୂ ପଢ଼ିବ ଲକ୍ଷ୍ମୀପୁରାଣ', 'ଆଲୋ ଦୁଶି ପଇସାରେ ପାନ କେତେଖଣ୍ଡି', 'ରଙ୍ଗିଲା ରାଧିକା ରଜନୀଗନ୍ଧା', 'ସବୁ ରାତିର ସକାଳ ନାହିଁ' ଏବଂ



ଆହୁରି ଅନେକ। ଚଳିତବର୍ଷ 'ସୂର୍ଯ୍ୟମନ୍ଦିର'ରେ ତାଙ୍କ ଅଭିନୀତ ନାଟକଗୁଡ଼ିକ ମଧ୍ୟରେ ରହିଛି 'ପୁଅ ଯିବ ଶାଶୁଘର', 'ମାୟାବିନୀ ମୌସୁମୀ', 'ପ୍ରେମିକାର ନାଁ ଚନ୍ଦ୍ରଭାଗା', 'ଭିତିରି କଥା', 'କାହାଣୀ କହୁଛି ସୂର୍ଯ୍ୟମନ୍ଦିର'। ଜଣେ ହାସ୍ୟାଭିନେତା ଭାବରେ ନିଜର ଏକ ସ୍ୱତନ୍ତ୍ର ପରିଚିତି ସୃଷ୍ଟି କରିଥିବା ବ୍ରଜ ପାଣି ଓରଫ ବ୍ରଜ ପାଣିଗ୍ରାହୀ ବର୍ତ୍ତମାନର କମେଡ଼ିକୁ ନେଇ ଖୁସି ନୁହନ୍ତି। ସେ କହନ୍ତି, ନାଟକରେ କମେଡ଼ିର ସିଚୁଏଶନ୍ ସୃଷ୍ଟି କରାଯାଉନି। ଫଳରେ ଇଚ୍ଛା ନ ଥିଲେ ବି ଅଶ୍ଳୀଳ କଥା କହିବାକୁ ପଡୁଛି। ଆଉ ସେପରି କରିବା ବେଳେ ଖୁବ୍ କଷ୍ଟ ହେଉଛି ମଧ। ନାଟକରେ ହାସ୍ୟରସ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ମାତ୍ର ତାକୁ ସେହି ଅନୁସାରେ ଗୁରୁତ୍ୱ ଦିଆଯାଉନି। ସେହିପରି, ଆଗରୁ ନାଟ୍ୟକାରମାନେ କାହାଣୀ ଚିନ୍ତା କରୁଥିଲେ। ନାଟକ ଲେଖୁଥିଲେ। ନାଟକ ଅନୁଯାୟୀ କିଏ କେଉଁ ରୋଲ୍ କରିବ ଅଭିନେତା ବଛା ଯାଉଥିଲା। ଫଳରେ ନାଟକ ସବୁ ହୃଦୟସ୍ପର୍ଶୀ ହୋଇ ପାରୁଥିଲା। ଗୋଟିଏ ଗୋଟିଏ ନାଟକ ପାଞ୍ଚବର୍ଷ ଲେଖାଏ ମଞ୍ଚସ୍ଥ ହେଉଥିଲା। ମାତ୍ର ଏବେ ଠିକ୍ ଓଲଟା ହେଉଛି। ବରାଦ ଦିଆ ନାଟକ ଲେଖାଯାଉଛି। କୁହାଯାଉଛି ଅମୁକ ଅଭିନେତାଙ୍କୁ ନେଇ ନାଟକ ଲେଖ। ଲେଖକମାନେ ବାଧ ହେଉଛନ୍ତି ସେପରି କରିବା ପାଇଁ। ହେଲେ ଫଳ କ'ଣ ହେଉଛି ସେକଥା ଜଗତ ଜାଣୁଛି ବୋଲି କହନ୍ତି ଭଦ୍ରକ ଜିଲାର ବିଷ୍ଣୁପୁର ଶାସନରେ ଜନ୍ମଗ୍ରହଣ କରିଥିବା ଏହି ଅଭିନେତା। ପତ୍ନୀ ଜ୍ୟୋତ୍ସ୍ନା ପାଣିଗ୍ରାହୀ, ଦୁଇପୁଅ ପାର୍ଥ ଓ ମାନବ ଏବଂ ଏକମାତ୍ର ଝିଅ ବର୍ଷାଙ୍କୁ ନେଇ ସୁଖର ସଂସାର ବିତାଉଥିବା ଏହି ଅଭିନେତା ଯାତ୍ରାର ପୂର୍ବସ୍ଥିତି ଫେରି ଆସୁ ବୋଲି ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରନ୍ତି।

# ସୁନ୍ଦରୀ ହେବାକୁ ବାହାନା

ସୁନ୍ଦରୀ ଦିଶିବା ସବୁ ନାରୀର ଇଚ୍ଛା। ସେମିତି ବି ଇଚ୍ଛା ରଖିଥିଲେ ଜାମୀ ଲାଇନ୍ ଟୋଲେର ନାମ୍ନୀ ଜନୈକା ମହିଳା। ସେ ଦେଖିବାକୁ ସେମିତି ସୁନ୍ଦରୀ ନଥିଲେ। ମାତ୍ର ତାଙ୍କ ଭିତରେ ସୁନ୍ଦର ହେବାକୁ ନେଇ ଆକାଶଛୁଆଁ ଇଚ୍ଛା ରହିଥିଲା। ନିଜକୁ ଆକର୍ଷଣୀୟ କରି ଅନ୍ୟମାନଙ୍କଠାରେ ପ୍ରଦର୍ଶିତ କରାଇବା ଥିଲା ତାଙ୍କର ମୁଖ୍ୟ ଲକ୍ଷ୍ୟ। ସେଥିଲାଗି ସେ ଯେକୌଣସି ସ୍ତରକୁ ଓହ୍ଲେଇଯିବା ପାଇଁ ପ୍ରସ୍ତୁତ ଥିଲେ। ଏହା ଯେ ତାଙ୍କ ଭିତରର ଏକ ନାରୀ ସୁଲଭ ହୀନମନ୍ୟତା ସେ ସେକଥା ଭଲଭାବରେ ଜାଣିଥିଲେ। ମାତ୍ର ସେ ଆଉ ପଛକୁ ଫେରିବା ଅବସ୍ଥାରେ ନ ଥିଲେ। ସେ ଜାଣିଥିଲେ ଯେ, ନାରୀର ସୌନ୍ଦର୍ଯ୍ୟ ହେଉଛି ତା'ର ବକ୍ଷୋଜ। ଦିନେ ତାଙ୍କ ମୁଣ୍ଡକୁ ଏକ ଧାରଣା ଜୁଟିଲା ଯେ, ସେ ତାଙ୍କର ବକ୍ଷକୁ ଅଧିକ ଆକର୍ଷଣୀୟ କରିବେ। ଆଉ ସେଥିପାଇଁ ତାଙ୍କୁ ବକ୍ଷ ପ୍ରତିରୋପଣ କରିବା ପାଇଁ ପଡ଼ିବ। ଏହା ହିଁ ଏକମାତ୍ର



ବିକଳ୍ପ। ତେବେ ବକ୍ଷ ପ୍ରତିରୋପଣ ଲାଗି ପ୍ରଚୁର ଅର୍ଥର ଆବଶ୍ୟକତା ରହିଛି। ମାତ୍ର ତାଙ୍କ ନିକଟରେ ଅର୍ଥ ନ ଥିଲା। ଜାମୀ ଲାଇନ୍ କିନ୍ତୁ ନିଜକୁ ସୁନ୍ଦରୀ କରିବାକୁ ଯେକୌଣସି କାର୍ଯ୍ୟ କରିବାକୁ ପ୍ରସ୍ତୁତ ଥିଲେ। ସେ ଦିନେ ଘୋଷଣା କରିଦେଲେ ଯେ, ତାଙ୍କୁ ସ୍ତନ କର୍କଟ ହୋଇଛି। ତାଙ୍କର ବ୍ରେଷ୍ଟ କନ୍‌ଷ୍ଟ୍ରକ୍ସନ୍ କରିବାକୁ ପଡ଼ିବ। ଏହା ଘୋଷଣା କରି ସେ ତାଙ୍କର ଚିହ୍ନା ପରିଚିତ ତଥା ସମ୍ପର୍କୀୟମାନଙ୍କ ଠାରୁ ଦାନସୂତ୍ରରେ ଟଙ୍କା ଆଦାୟ କଲେ। ଏଭଳି ଅବସ୍ଥାରେ ତାଙ୍କୁ କିଏ ବା ମନା କରନ୍ତା। ସେ ବହୁ ଅର୍ଥ ସଂଗ୍ରହ କରିନେଲେ। ଖୁସିରେ ତାଙ୍କ ମନ ନାଚିବାକୁ ଆରମ୍ଭ କରିଦେଲା। ଭାବିଲେ, ବକ୍ଷ ପ୍ରତିରୋପଣ କରିବେ ଆଉ ସୁନ୍ଦରୀ ଦିଶିବେ। ମାତ୍ର ସେତିକିବେଳେ ପୋଲିସ ଆସି ତାଙ୍କୁ ଗିରଫ କଲା। କୌଣସି ସୂତ୍ରରୁ ପୋଲିସ ଖବର ପାଇ ଯାଇଥିଲା ଯେ, ଜାମୀଙ୍କୁ କ୍ୟାନସର ହୋଇନାହିଁ। ସେ ମିଛରେ ଅର୍ଥ ଆଦାୟ କରୁଛନ୍ତି। ଡାକ୍ତରଖାନାରେ ତାଙ୍କର ପରୀକ୍ଷା କରାଗଲା। ପରୀକ୍ଷାରୁ ଜଣାଗଲା ଯେ, ସେ ସମ୍ପୂର୍ଣ୍ଣ ସୁସ୍ଥ।



# କଫି ଆର୍ଟ

**ସ୍ପେ**ନର ନୁରିଆ ସେଲସେଡୋ ପେସାରେ ଜଣେ ସ୍ଥପତି। ହେଲେ ନିଶା ତାଙ୍କର ପେଣ୍ଟିଂ କରିବା। ସେ କେବେ କୌଣସି ଆର୍ଟ କ୍ଲାସ୍ ଯାଇ ନାହାନ୍ତି, ତଥାପି ନିଜର ଚେଷ୍ଟା ବଳରେ ସେ କରିପାରନ୍ତି ଖୁବ୍ ସୁନ୍ଦର ପେଣ୍ଟିଂ। ନିକଟରେ ସେ ଚର୍ଚ୍ଚିତ ହୋଇଛନ୍ତି କଫିକୁ ନେଇ କରୁଥିବା ପେଣ୍ଟିଂ ପାଇଁ। ବିଭିନ୍ନ ଶେଡ୍‌ର କଫି ଓ ଆବଶ୍ୟକସ୍ଥଳେ ବାଦାମୀ ରଙ୍ଗର ପେନ୍‌ସିଲ ବ୍ୟବହାର କରି ସେ ଏହି ପେଣ୍ଟିଂ କରନ୍ତି। ୪ ବର୍ଷ ପୂର୍ବେ ସେ ଏହି କଫି ପେଣ୍ଟିଂ କରିବା ଆରମ୍ଭ କରିଥିଲେ। ପ୍ରଥମେ ସେ ବିଭିନ୍ନ ଫଟୋକୁ କପି କରି ଅବିକଳ ପେଣ୍ଟିଂ କରୁଥିଲେ। ହେଲେ ଏବେ ସେ ନିଜର ସୃଜନଶୀଳତା ବଳରେ ଅନେକ ଚମତ୍କାର ପେଣ୍ଟିଂ କରୁଛନ୍ତି।


# ହ୍ୟାରିପୋଟର୍ ଝାଡୁ



**ହ୍ୟା**ରିପୋଟର୍ ଚଳଚ୍ଚିତ୍ର ଯେଉଁମାନେ ଦେଖିଛନ୍ତି ସେମାନେ ନିଶ୍ଚିତଭାବେ ଦେଖିଥିବେ ହ୍ୟାରିପୋଟର୍ ଏକ ଯାଦୁ ଝାଡୁ ଉପରେ ବସି କିଭଳି ଉଡି ବୁଲୁଥିଲେ। ଅନେକ ପାଶ୍ଚାତ୍ୟ କାହାଣୀରେ ବି ଯାଦୁ ଝାଡୁରେ ଡାହାଣୀ ବସି ଉଡୁଥିବାର ବର୍ଣ୍ଣନା କରାଯାଇଥାଏ। ତେବେ ଯଦି ବାସ୍ତବରେ ସେମିତି ଝାଡୁ ମିଳି ଯାଆନ୍ତା କେତେ ମଜା ହୁଅନ୍ତା ଭାବିଲେ। ଟୋୟୋଟା କମ୍ପାନୀ ଆଣିଛି ସେମିତି ଏକ ଝାଡୁ, ଯାହାର ନାଁ 'ଇ-ବ୍ରୁମ୍'। ଏହା ଏବେ ଉଡିବା ସକ୍ଷମ ହୋଇପାରି ନ ଥିଲେ ହେଁ, ଏହା ଉପରେ ବସି ଭୂମିରେ ଦ୍ରୁତ ବେଗରେ ବାଇକ୍ ଭଳି ଗଡି ଗଡି ଯାଇପାରିବେ। ତେବେ ଏଥିପାଇଁ ଆପଣଙ୍କୁ ଗୋଡରେ ରୋଲର୍ ସ୍କେଟସ୍ ଲଗାଇବାକୁ ହେବ। ଉକ୍ତ ଝାଡୁରେ ଇଲେକ୍ଟ୍ରିକାଲ ମୋଟର ଓ ତଳଭାଗରେ ଚକ ଲାଗିଥାଏ। ଯଦିଓ ଏହା ଉଡିବାର ମଜା ଦେଇପାରିବନି, କିନ୍ତୁ ଆଗାମୀ ଦିନରେ ଏହି ସୁବିଧା ଉପଲବ୍ଧ କରାଯାଇପାରେ ବୋଲି କମ୍ପାନୀ ସୂଚନା ଦେଇଛି।



ବ୍ୟାକ୍ ପେଜ୍







# ବିଲେଇ ମଠ

**ମ**ଠରେ କିଛି ସମୟ ବିତାଇଲେ ମିଳିଥାଏ ଅପାର ଶାନ୍ତି। ତେବେ ଜାପାନର କ୍ୟୋଟୋରେ ଏମିତି ଏକ ମଠ ଅଛି, ଯେଉଁଠି ଶାନ୍ତି ସହ ଆନନ୍ଦ ଓ ଏକ ନିଆରା ଅନୁଭୂତି ମିଳିବ। ତା'ଛଡା ବିଲେଇଙ୍କୁ ଭଲ ପାଉଥିବା ବ୍ୟକ୍ତିଙ୍କୁ ତ ଏହା ସ୍ୱର୍ଗ ପରି ଲାଗିବ। କାରଣ ଏ ହେଉଛି ଏକ ବିଲେଇ ମଠ, ଯାହାର ନାମ 'ନ୍ୟାନ ନ୍ୟା ଜି' ବା 'ମିଉ ମିଉ ମଠ'। ଏଠାରେ ବିଲେଇ ସାଧୁ ଥାଆନ୍ତି। ଏହାର ମୁଖ୍ୟ ସାଧୁ ବି ଏକ ବିଲେଇ, ଯାହାର ନାଁ କୋୟୁକି। ସେ ଏକ ମାଈ ବିଲେଇ। ଏହାବାଦ ୱାକା, ଚିନ୍, ଅରୁଜି, ରେନ୍, କୋନାସୁ ଏବଂ ଚିଛି ନାମରେ ଆହୁରି ୬ଟି ବିଲେଇ ସାଧୁ ଅଛନ୍ତି। ଏଠାକୁ ଯେଉଁ ପର୍ଯ୍ୟଟକ ଆସନ୍ତି ଏହି ବିଲେଇଙ୍କ ସହ ଖେଳନ୍ତି ଓ ଏଠାରେ ବିଲେଇକୁ ନେଇ ହୋଇଥିବା କଳାକୃତିକୁ ଉପଭୋଗ କରନ୍ତି। ଏଠାରେ ଅନେକ ବିଲେଇ ଥିଲେ ହେଁ ମୁଖ୍ୟ ସାଧୁ ସାଜିଥିବା କୋୟୁକି ସମସ୍ତଙ୍କ ମନ ମୋହି ନେଇଥାଏ।